AMARISATYA ଆମରିସତ୍ୟ
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ ଦ୍ୱିତୀୟ ବର୍ଷ
❖ ନବମ ସଂଖ୍ୟା
❖ ସେପ୍ଟେମ୍ବର ୨୦୨୩



# ଆମ କବିତା

ଦ୍ୱିତୀୟ ବର୍ଷ ❖ ନବମ ସଂଖ୍ୟା ❖ ସେପ୍ଟେମ୍ବର ୨୦୨୩


**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଚରଣ ଜେନା

ବିଭୁପ୍ରସାଦ ହରିଚନ୍ଦନ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ



ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

ଆମ କବିତା
ସେପ୍ଟେମ୍ବର ୨୦୨୩

# ସମ୍ପାଦକୀୟ



ଯେଉଁଠି ଶୋଷ......
ସେଇଠି ଅବସୋସ......
ଶୋଷ ଏଠି ଧନର........
ଶୋଷ ଏଠି ମନର.....
ଶୋଷ ଏଠି ଯୌବନର.......
ଶୋଷ ଏଠି ଜୀବନର........
ଶୋଷ ମେଣ୍ଟାଉ ମେଣ୍ଟାଉ........
ସରିଯାଏ ଆୟୁଷ........
ଗଡ଼ିଯାଏ ବୟସ..........,
ସବୁ ଆରମ୍ଭ ହୋଇଯାଏ ଶେଷ.....
ସବୁ କିଛି ଶେଷ ହେଲାପରେ
ଅବଶେଷ......ଖାଲି ଅବସୋସ..... ।

ମାଟି ଚଷିଲାପରେ
ମଞ୍ଜି ନପାଇଲେ...... ଅବସୋସ
ମଞ୍ଜି ପୋତିବା ପରେ
ବର୍ଷା ନହେଲେ.......ଅବସୋସ
ବର୍ଷାଭିଜା ମାଟିରେ
ମଞ୍ଜି ଗଜୁରି ନଉଠିଲେ .......ଅବସୋସ
ଗଜୁରିଲା ଗଛରେ
ପତ୍ର ନଧରିଲେ......ଅବସୋସ
ଏମିତି .......... ଏମିତି...........
ଫୁଲ ନଧରିଲେ......ଅବସୋସ.......
ଫଳ ନଫଳିଲେ......ଅବସୋସ......
ପୁଣି.......ଫଳରେ........
ପେଟ ନପୂରିଲେ ଅବସୋସ........
ଜୀବନଟା ସାରା ନପାଇଲେ.......ଅବସୋସ
ଆଉ, ପାଇଲେ ବି.........ଅବସୋସ ।

ଏଣୁ........ଅବସୋସର ଅନ୍ତ ନାହିଁ
ଶୋଷର ବି ଅନ୍ତ ନାହିଁ..........
ଦୁହେଁ ଅନନ୍ତ ବି..........ଅବ୍ୟକ୍ତ ବି........ ।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ଅବସୋସ | କମଳିନୀ ମଲ୍ଲିକ | ୬ |
| ୨. | ବାଟଭୁଲା ଅବସୋସ | ମନୋଜ ପଟ୍ଟନାୟକ | ୭ |
| ୩. | ଭେଳିକି | ପୂର୍ଣ୍ଣ ଦାସ | ୮ |
| ୪. | ଅବସୋସ ନାହିଁ ମୋ'ର | ରମେଶ ମଙ୍ଗରାଜ | ୯ |
| ୫ | ରୂପସୀ ବ୍ରାହ୍ମଣୀ | ବାବାଜୀ ଚରଣ ଜେନା | ୧୦ |
| ୬. | ଅବସୋସ | ଦିବାକର ନାୟକ | ୧୧ |
| ୭. | ତୁମେ ଯା'ର ଅବସୋସ | ହରିବନ୍ଧୁ ମଙ୍ଗରାଜ | ୧୨ |
| ୮. | ଅବସୋସ | କାଳନ୍ଦି ଚରଣ ପାଳ | ୧୩ |
| ୯. | ଜାତିସ୍ମର କର | ରମେଶ ଚନ୍ଦ୍ର ମିଶ୍ର | ୧୪ |
| ୧୦. | ସମୟର ଅବସୋସ | ଗୋପାଳ ଚନ୍ଦ୍ର ମିଶ୍ର | ୧୫ |
| ୧୧. | ଅବସୋସ | ସଂଯୁକ୍ତା ମହାପାତ୍ର | ୧୬ |
| ୧୨. | ଅବସୋସ | ସୌଦାମିନୀ ସାହୁ | ୧୭ |
| ୧୩. | ଅବସୋସ | ଜୟନ୍ତୀ ସ୍ୱାଇଁ | ୧୮ |
| ୧୪. | ଅବସୋସ | ଅଞ୍ଜଳି ଦାସ | ୧୯ |
| ୧୫. | ଅବସୋସ ମନ | ଜୟଶ୍ରୀ ପଟ୍ଟନାୟକ | ୨୦ |
| ୧୬. | ନାହିଁ କିଛି ଅବସୋସ | ସୌଦାମିନୀ ମିଶ୍ର (ଦାଶ) | ୨୧ |
| ୧୭. | ଅବସୋସ | ଛବିରାଣୀ ପତି | ୨୨ |
| ୧୮. | ମୁଠାଏ ଅବସୋସ | ସବିତା ମହାପାତ୍ର | ୨୩ |
| ୧୯. | ଅବସୋସ | ସୂର୍ଯ୍ୟକାନ୍ତି ଦାଶ | ୨୪ |
| ୨୦. | ଅବସୋସ | ବୀଣାପାଣି ଦେବୀ | ୨୫ |
| ୨୧. | ଅବସୋସ | ମନସ୍ୱିନୀ ସାହୁ | ୨୬ |
| ୨୨. | ଛାତିରେ ମୋହର ଜଳେ ବଇଶାଖୀ | ସୁରଞ୍ଜନ ପାତ୍ର | ୨୭ |
| ୨୩. | ଅବସୋସ | ଜିତେନ୍ଦ୍ର କୁମାର ନାୟକ | ୨୮ |
| ୨୪. | ଅବସୋସ | ଡକ୍ଟର ଚପଳା ପଣ୍ଡା | ୨୯ |
| ୨୫. | ଅବସୋସ | ରାଜେଶ କୁମାର ମୁଣ୍ଡ | ୩୦ |
| ୨୬. | ଅବସୋସ | କଳ୍ପନା ମିଶ୍ର | ୩୧ |
| ୨୭. | ଅବସୋସ | ବିଶ୍ୱନାଥ କର | ୩୨ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ଅବସୋସ | ଜ୍ୟୋତିପ୍ରଭା ପଟ୍ଟନାୟକ | ୩୩ |
| ୨୯. | ଅବସୋସ | ନଳିନୀ ପ୍ରଭା ମିଶ୍ର | ୩୪ |
| ୩୦. | ଅବସୋସ | ଅଳକା ଦାସ | ୩୫ |
| ୩୧. | ଅବସୋସ | ବନ୍ଦନା ମହାପାତ୍ର | ୩୬ |
| ୩୨. | ଅବସୋସ | ଯମୁନା ମହାପାତ୍ର ମିଶ୍ର | ୩୭ |
| ୩୩. | କାହିଁକି ଏ ଅବସୋସ | ଆରତୀ ପ୍ରହରାଜ | ୩୮ |
| ୩୪. | ଅବସୋସ | ଲୋକନାଥ ମିଶ୍ର (ଭରଦ୍ୱାଜ) | ୩୯ |
| ୩୫. | ଅବସୋସ | ଆରତୀ ମଞ୍ଜରୀ ଦାଶ | ୪୦ |
| ୩୬. | ଅବସୋସ | ସଂଯୁକ୍ତା ଚଂପତିରାୟ | ୪୧ |
| ୩୭. | ଅବସୋସ | ବାସନ୍ତୀ ଦେଈ | ୪୨ |
| ୩୮. | ଅବସୋସ | ନଳିନୀ ପ୍ରଭା ଦାସ | ୪୩ |
| ୩୯. | ଅବସୋସ | ସୀମା ମେହେର | ୪୪ |
| ୪୦. | ଅବସୋସ | ମଧୁଛନ୍ଦା ଦାଶ | ୪୫ |
| ୪୧. | ଅବସୋସ | ସ୍ୱର୍ଣ୍ଣଲତା ପତି | ୪୬ |
| ୪୨. | ରହିଗଲା ଅବସୋସ | ରତ୍ନପ୍ରଭା ବାଇ | ୪୭ |
| ୪୩. | ଅବସୋସ | ଅଖିଳେଶ ମହାପାତ୍ର | ୪୮ |
| ୪୪. | ଅବସୋସ | ସତ୍ୟନାରାୟଣ ମଲ୍ଲୀକ | ୪୯ |
| ୪୫. | ଅବସୋସ | ନିରଞ୍ଜନ ସାହୁ | ୫୦ |
| ୪୬. | ଅବସୋସ | ସୁନନ୍ଦା ମହାନ୍ତି | ୫୧ |
| ୪୭. | ଅବସୋସ ନୁହେଁ... | ହାସ୍ୟମୟୀ ରାଜ୍ | ୫୨ |
| ୪୮. | ଅବସୋସ | କାଞ୍ଚନ ସାହୁ | ୫୩ |
| ୪୯. | ଅବସୋସ | ଦେବରାଜ ରଣା | ୫୪ |
| ୫୦. | କେତେ ଅବସୋସ ଏଇ ହୃଦୟରେ | ତ୍ରିଲୋଚନ ଦାସ | ୫୫ |
| ୫୧. | ହଜିଲା ରତୁର ଗପ..... | ସୁକାନ୍ତି ମିଶ୍ର | ୫୬ |
| ୫୨. | ଅବସୋସ | ତାରାପ୍ରସାଦ ଜେନା | ୫୭ |
| ୫୩. | ପୂର୍ଣ୍ଣ, ଅପୂର୍ଣ୍ଣ, ସଂପୂର୍ଣ୍ଣ | ଦୀନକୃଷ୍ଣ ମହାପାତ୍ର | ୫୮ |
| ୫୪. | ଅବସୋସ | ଅମୀୟ କୁମାର ସାହୁ | ୫୯ |
| ୫୫. | ରହିଗଲା ଅବସୋସ | ଯମେଶ୍ୱର କହଲସିଂହ | ୬୦ |

# ଅବସୋସ

**କମଳିନୀ ମଲ୍ଲିକ**



ହାତ ପାହାନ୍ତାରେ
ସବୁ ପାଇବାର ଅବଦମିତ ଆଶା
ସୁଖ, ସଫଳତା
ସ୍ୱପ୍ନ, ସମ୍ଭାବନା
ତଥାପି ଅପହଞ୍ଚ ଅବସୋସ
ରୋକି ଦିଏ ସବୁ ଗତିଶୀଳତା
ଯେବେ ଘୁଞ୍ଚି ଘୁଞ୍ଚି ଯାଉଥାଏ
ସେଇ ପରିଚିତ ଠିକଣା ।।

ଜ୍ୟୋସ୍ନାର ମିଠା ଆଲିଙ୍ଗନରେ
ଉଲ୍ଲସି ଉଠୁଥିବା ଦେହ
କେବେ କେବେ ଆନମନାରେ
ହାତ ବଢ଼େଇ ଦିଏ
ଜହ୍ନକୁ ମୁଠେଇ ଧରିବାର
ଆନନ୍ଦ ଟିକକ ପାଇଁ
ଅଥଚ ନିଜ ବାମନ ପଣିଆ
ଯେବେ ନିଜକୁ ଚେତେଇ ଦିଏ
ଜହ୍ନ ନୁହେଁ
ଅବସୋସର ଅନ୍ଧକାର
ଆସୁଥାଏ ନଇଁ ।।

ଶ୍ରାବଣର ଉଛୁଳା ନଈଟିଏ
ଭଉଁରୀରେ ଖେଳିବାର ଆନନ୍ଦ
କେତେ ଦିନ ଭୋଗିପାରେ
ଯେବେ ଗ୍ରୀଷ୍ମର ପ୍ରଚଣ୍ଡ ଉତ୍ତାପରେ
ବାଷ୍ପ ହୋଇ ଶୁଖୁଥାଏ
ଦୁଇ କୂଳରୁ ଦୂରେଇ ଯାଉଥାଏ
ତୃଷାର୍ତ୍ତ ସାଗର କି
ନଦୀର ଅବସୋସକୁ ବୁଝିପାରେ !

ଫୁଲ ତୋଳିବାର ମୋହରେ
ହାତରେ କଣ୍ଟା ଫୁଟିଯାଏ
ସ୍ୱପ୍ନ ସବୁ ଅଧା ଥିଲାବେଳେ
ରାତି ପାହିଯାଏ
ଭଣ୍ଡାର ଘରର ପ୍ରାଚୂର୍ଯ୍ୟ ଭିତରେ
ପ୍ରାପ୍ତିର ଦୀର୍ଘଶ୍ୱାସ
ଶୂନ୍ୟରେ ମିଳେଇ ଥାଏ
ପ୍ରତି କ୍ଷଣେ, ପ୍ରତି କୋଣେ
ଛଳନାର ପଶାଖେଳ ଚାଲିଛି
ପ୍ରତିଥର ଗୋଟି ଚାଳନାର
ଆଶା ଓ ଆକାଂକ୍ଷିତ ହାତ ମୁଠାରେ
ତଥାପି କେଉଁ ଅବସୋସର
ସ୍ୱେଦ ଓ ସ୍ୱାଦରେ
ଜୀବନ ଯୁଦ୍ଧ ପାଇଁ
କୁରୁକ୍ଷେତ୍ରର ପ୍ରସ୍ତୁତି ଚାଲିଛି
କାହିଁକି କେଜାଣି
କିଛି ଜିତିବାର ଦୁର୍ବାର ଆଶା ଆଡୁଆଳେ
ଅନେକ କିଛି ହରେଇବାର ଅବସୋସ
କୁହ ତ, ଜୀବନ ସାରା
କାହାକୁ ନ ଘାରିଛି ।।

ଭୁବନେଶ୍ୱର




# ବାଟଭୁଲା ଅବସୋସ

**ମନୋଜ ପଟ୍ଟନାୟକ**

ଜୀବନ ତ ମୋ'ର ବର୍ଷଣମୁଖର
ତପସ୍ୟାର ଅଭିଳାଷ
ଜୀବନ ବି ମୋ'ର ବର୍ଷୁକୀ ସୁଖର
ମନୋରମ ଇତିହାସ।୦।
କେତେ ସକାଳର କୁଆଁରୀ ଇଚ୍ଛାରେ
ଖୁସିର ପଦୁଅଁ ଫୁଟିଚି
କେତେ ଗୋଧୂଳିର ନରମ ଛଟାରେ
ଆଶାର ମହକ ଛୁଟିଚି,
ଜୀବନ ତ ମୋ'ର ଜିଇଁବା ଯୁଦ୍ଧର
ମଧୁମୟ ଅବଶେଷ।୧।
ଜୀବନ ବି ମୋ'ର......
ନୂଆ ବୟସର ଉତ୍ତାଳ ନଈରେ
କେତେ ଯେ' କଳ୍ପନା ଛୁଇଁଚି
ଭରା ଆୟୁଷର ଅଚିହ୍ନା ରାସ୍ତାରେ
ଅସୀମ ଆନନ୍ଦ ମିଳିଚି,
ଜୀବନ ତ ମୋ'ର ଅଜସ୍ର ସ୍ୱପ୍ନର
ବାଟଭୁଲା ଅବସୋସ।୨।
ଜୀବନ ବି ମୋ'ର......

"ଆଶ୍ରୟ"
ଡି/୯୯, ସେକ୍ଟର - ୭
ମର୍କତନଗର, କଟକ - ୭୫୩୦୧୪



# ଭେଳିକି

**ପୂର୍ଣ୍ଣ ଦାସ**

ଏ ମାଟି ମୋ'ର ସରଗପୁର
ମୁଁ ମାଟି ମାଆ ମାନ,
ଶକତି ମତେ ଶୋଷିବି ଯେତେ
ଅଛନ୍ତି ବଡ଼ସାନ ।

ସିଏ ଦଉଚି ମୁଉଁ ନଉଚି
କାହାର କିବା ଦୋଷ,
ଦର ବି ବଢୁ କର ବି ବଢୁ
ମହାନ ମୋର ଦେଶ ।

ଭୋଅଟ ଦବୁ ନୋଅଟ ନବୁ
ନୋହୁଁ ମାଗଣାଖିଆ,
ଏ ହାତେ ନବୁ ସେ ହାତେ ଦବୁ
ହେଲେ ବି ବାପମାଆ ।

ଛୋକାରୀ ଭଡ଼ା ଗରବ ଗାଥା
ଚଳୁ ଭିକାରି ପଣେ,
ସିଲଟ ସାଥେ ବଇରି କରି
ସମାଜସେବୀ ମଣେ ।

ଭାଷା ତ ଭାଇ ଖାଇଲା ଉଈ
କୁଭାଷା ଦିଏ ମାନ,
ରାଜନୀତିର ସପନ ଦେଖେ
କଳରେ ଜାକି ପାନ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩



# ଅବସୋସ ନାହିଁ ମୋ'ର

**ରମେଶ ମଙ୍ଗରାଜ**

ସବୁ ଅବସୋସ ମେଣ୍ଟିଯାଇଛି ମୋ'
ତୁମକୁ ପାଇଲା ପରେ
ଅବସୋସ ଶବ୍ଦ ନାହିଁ ଏବେ ମୋ'ର
ଜୀବନ ଭାଷାକୋଷରେ... ||
କି ଲାଭ ସତରେ ଅବସୋସ କରି
ମେଣ୍ଟିବ କି କେବେ ଶୋଷ
ଭାଗ୍ୟରେ ଯଦି ଲେଖା ହୋଇଅଛି
ଭୋଗିବାକୁ ପୁଷମାସ
ଅଭାବୀ ମନରେ ଭାବ ଭରିଦେଲେ
ଦୁଃଖ ହଟିଯିବ ଦୂରେ
ସବୁ ଅବସୋସ.... ||
ତମେ କହିଥିଲ ହାତ ବଢ଼ାଅନି
ଜହ୍ନକୁ ପାଇବା ପାଇଁ
ଅବସୋସ ସିନା ବଢ଼ିବ କେବଳ
ଜହ୍ନ ତ ଆସିବ ନାହିଁ
ସେଦିନୁ ତୁମକୁ ନିଜର କରିଛି
ଏବେ ମୁଁ ଅଛି ଖୁସିରେ
ସବୁ ଅବସୋସ.... ||

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା, ଖୋର୍ଦ୍ଧା-୭୫୨୦୫୪**



# ରୂପସୀ ବ୍ରାହ୍ମଣୀ

**ବାବାଜୀ ଚରଣ ଜେନା**

ବ୍ରାହ୍ମଣୀ ନଦୀର ନୀଳ ଜଳ ଯେବେ
ଅଜାଣତେ ଦେଲି ଛୁଇଁ
କୂଳୁକୂଳୁ ତା'ର ମିଠାମିଠା ଗୀତେ
ମନ ମୋ'ର ନେଲା ମୋହି
ବ୍ରାହ୍ମଣୀ ନଦୀର,,,,।୦।

ତା' କୂଳେ ସୁନ୍ଦର ସବୁଜ ବନାନୀ
ମନଲୋଭା ନୀଳ ବେଶ
ଧୋଇ ଦେଲା ଯେତେ ମନ ତଳେ ଥିବା
ଅବସାଦ ଅବସୋସ
ଆକାଶ ବୁକୁରେ ଉଡୁଛନ୍ତି ପକ୍ଷୀ
ଡେଣା ତାଙ୍କ ଝାଡ଼ିଦେଇ
ସେଇ ଶୋଭାକୁ ତ କବି କଲମରେ
ଲେଖି ଯାହା ହୁଏ ନାହିଁ
ବ୍ରାହ୍ମଣୀ ନଦୀର,,,।୧।

ରୂପସୀ ବ୍ରାହ୍ମଣୀ ରୂପେ ବିମୋହିତ
ପଥିକ ଭୁଲଇ ପଥ
ଚଞ୍ଚଳ ଗତିରେ ବହିଯାଏ ଦେଖ
ଚୋରି କରି ପାନ୍ଥ ଚିତ୍ତ
ମାପି ହୁଏ ନାହିଁ ତା' ସେନେହ ଶରଧା
ଭୁଲିବି ତ ହୁଏ ନାହିଁ
ଦେଖା ହେବ କେବେ ତା' ସାଥିରେ ଆଉ
ସେଇ କଥା ଭାବୁଥାଇ
ବ୍ରାହ୍ମଣୀ ନଦୀର,,,,।୨।

ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪



# ଅବସୋସ

ଦିବାକର ନାୟକ

ଇଛା ଏମିତିକା ବାଟଟିଏ ଯା'ର
ହୁଏ ନାହିଁ କେବେ ଶେଷ
ଜୁଇରେ ଏ ଦେହ ପାଉଁଶ ହୋଇବ
ସରିବନି ଅବସୋସ (୦)

ସାଗର ମନ୍ଥନେ ଅମୃତ ମିଳଇ
ଅତି ଲୋଭେ ବିଷ ମିଳେ
ସମୟକୁ ଯିଏ ପାରେ ନାହିଁ ଚିହ୍ନି
ଧୋକା ଖାଏ ବେଳେବେଳେ

ଆପଣା ବିବେକ ବାଟ ହୁଡ଼େ ଯେବେ
ଚଲାବାଟର କି ଦୋଷ..
ଇଛା ଏମିତିକା ବାଟଟିଏ ଯା'ର
ହୁଏ ନାହିଁ କେବେ ଶେଷ (୧)

ଆଶାଠୁ ଅଧିକ ଆଶା କରିବା ତ
ଦୁଃଖର କାରଣ ହୁଏ
ଆପଣା ହୃଦୟ ପ୍ରୀତିର ଠିକଣା
ଆପେ ଆପେ ଜାଣିନିଏ

ଝରଣାକୁ ଛାଡ଼ି ପାଣି ଖୋଜିହେଲେ
ମିଳେ ଶୋଷ ଆଉ ଶୋଷ..
ଇଛା ଏମିତିକା ବାଟଟିଏ ଯା'ର
ହୁଏ ନାହିଁ କେବେ ଶେଷ (୨)

ପାଟପୁର, କନିସି,
ଗଞ୍ଜାମ



# ତୁମେ ଯା'ର ଅବସୋସ

**ହରିବନ୍ଧୁ ମଙ୍ଗରାଜ**

କେମିତି କହିବି ଭଲପାଅ ବୋଲି
ତୁମେ ମୋର ଅନୁତାପ
ମୋ' ଉତ୍ତାପ ତାତି ତୁମ ଲାଗି ସାଥୀ
ମନରେ ଛୁଉଁଛି ପାପ
ତୁମେ ଯା'ର ଅବସୋସ.................

କଥା ଦେଇ ମୋତେ କଷ୍ଟ କରିଗଲ
ଦିନ ବାର ତିଥି ଗଣି
ସବୁ ଗଣନା ମୋ' ବିଫଳ ହୋଇଲା
କାନ୍ଥରେ ଗାରକୁ ଟାଣି
ସନ୍ଦେହ ଭିତରେ ବୁଡ଼ି ମରୁଅଛି
ଯେତେ ଖାଲି ପରିତାପ
ତୁମେ ଯା'ର ଅବସୋସ.................

ମନର କୁହୁଡ଼ି ଘୋଡ଼େଇ ଢାଙ୍କିଛି
ଘନ ଅନ୍ଧକାର ଛାଇ
ହାତ ଛଡ଼ା ସାଥୀ ବିଚ୍ଛେଦ ମତି
ଦୂରତା ଦିଏ ବଢ଼େଇ
ପରିଣାମ ତା'ର ନିରାଶାରେ ଅଶା
ପାରନ୍ତର ଅଭିଶାପ
ତୁମେ ଯା'ର ଅବସୋସ................

**ଶାସ୍ତ୍ରୀନଗର, ଭୁବନେଶ୍ୱର**

# ଅବସୋସ

**କାଳନ୍ଦି ଚରଣ ପାଳ**

ମଣିଷ ଜୀବନେ    ଅଭାବ ପୂରଣେ
ଅଟଇ ତା ଅସୀମିତ
ଅଭାବ ପୂରଣେ    ଅଭାବ ଜନମେ
କହିଅଛି ଅର୍ଥ ଶାସ୍ତ୍ର ।।

ଉଚ୍ଚ ଅଭିଳାଷ    ମନେ କରେ ବାସ
ସତେ କି ନୂଆ ଦୁନିଆଁ
ନ ହେଲେ ପୂରଣ   ଉଚ୍ଚାଟ ଏ ମନ
ଉଠେ ଅବସୋସ ଧୂଆଁ ।।

ରାବଣର ମନେ    ଭାବନା ଉପୁନେ
ସ୍ୱର୍ଗକୁ ନିଶୁଣି କରି
ଅଦଭୂତ କର୍ମ    କରିବ ବରଣ
କିଏ ହେବ ତା'ର ସରି ।।

ରହିଗଲା କଥା    ମନେ ଦେଇ ବ୍ୟଥା
ମଲା ସେ ରାମଙ୍କ ଶରେ
ସ୍ୱର୍ଗକୁ ନିଶୁଣି    ଗଢ଼ି ପାରିଲାନି
ଅବସୋସ ଧୂଆଁ ଧାରେ ।।

ପାଣ୍ଡବଙ୍କ ହକ    ପାଇବାକୁ ସେତ
ହୋଇଲା ମହାଭାରତ
ଅବସୋସ ନିଆଁ    କୁହୁଳେ ତା' ଧୂଆଁ
କୁରୁବଂଶ ହେଲା ନାଶ ।।

ମଣିଷ ଜିଜ୍ଞାସା    ଅପୂରଣେ ଆଶା
ସୃଷ୍ଟି ହୁଏ ଅବସୋସ
ଏହି ଅବସୋସ ଶେଷେ କରେ ନାଶ
ଜୀବନେ ଭରାଇ ବିଷ ।।

କର୍ମମୟ ଏହି    ପଞ୍ଚଭୂତ ଦେହୀ
ଆଶା ଥାଏ ତ ଅନେକ
ସବୁ ଆଶା କେବେ ପୁରଣ ନୁହେଁଟି
ଅବସୋସର ପ୍ରତୀକ ।।

**ପାଳ ସାହି, ବାଲିପାଟଣା,**
**ଖୋର୍ଦ୍ଧା**



# ଜାତିସ୍ମର କର

**ରମେଶ ଚନ୍ଦ୍ର ମିଶ୍ର**

ମଣିଷ ହୋଇ ଜନ୍ମ ହୋଇଛି
ଏଇ ବଡ଼ କଥା
ହାତ, ପାଦ, ଆଖି, କାନ....
ଦଶଟି ଇନ୍ଦ୍ରିୟ
ସବୁ ଠିକ୍ ଠାକ୍ ଚାଲିଚି
ଅସରନ୍ତି କାମନାର ଲହଡ଼ିକୁ
ଅତିକ୍ରମିବାକୁ
ନଉକାଟିଏ ବି ଦେଇଛ
ନିଜେ ମଙ୍ଗ ସଳଖୁଛ
ଶିରର ମୁକୁଟ ଭଳି
ସର୍ବଦା ମଥା ଆବୋରିଛ
ଆଉ କ'ଣ ଦରକାର ଯେ !
ମଣିଷ କରି ଜନ୍ମ ଦେଇଛ
ଏଇ ବଡକଥା ।।

ତମେ ତ ମୋତେ ବୁଝେଇଦେଇଛ
ସୁଖଦୁଃଖ ଛାଇ ଆଲୁଅର ଖେଳ
ଜୀବନଟା ଏଠି ଗୋଟେ
ସାପ ସିଡ଼ି ଖେଳ
ଗ୍ରୀନ୍ ରୁମ୍ ଆଉ ରଙ୍ଗମଞ୍ଚର
ବ୍ୟବଧାନରେ ସୀମିତ ଏ ଜୀବନ
ଗୋଟେ ବିରାଟ ଯାଦୁକରର
ଛାୟାବାଜି, ମାୟାର ପଟଳ ।।

ଏ ମାୟା,
ଏ ଆଲୁଅ-ଅନ୍ଧାରର ଖେଳ
ମୋତେ ଆଉ ବିଭ୍ରାନ୍ତ କରୁନି
ତମେ ପରା ମୋ' ଶିରର ମଣି
ସେଥିପାଇଁ ଅନ୍ଧାରରେ ଝୁଣ୍ଟିବାର
ଭୟ ନାହିଁ, କେବେ ଅବା
ଝୁଣ୍ଟିପଡ଼ିଲେ
ଯନ୍ତ୍ରଣା ମୋ' ଲକ୍ଷ୍ୟରୁ ବିଚ୍ୟୁତ କରୁନି
ମୁଁ ତ ପୂର୍ଣ୍ଣବାଚକ ସଂଖ୍ୟାଟିଏ ନୁହେଁ
ଏକ କ୍ଷୁଦ୍ରାତିକ୍ଷୁଦ୍ର ଭଗ୍ନାଂଶ ମାତ୍ର
ଏ ସତ୍ୟ ଜାଣିଛି ବୋଲି
ବିଷାଦ ମୋ' ମନକୁ ଘାରୁନି ।।

ତମେ ସୂଚେଇଛ:
ଏଠୁ କେହି କିଛି ନେଇଯାଏ ନାହିଁ
କେବଳ ଜ୍ଞାନ ଓ ସଂସ୍କାର
ମହାଯାତ୍ରା ପଥର ସମ୍ବଳ,
ପୁଣି ତମ ରଙ୍ଗମଞ୍ଚକୁ
ବାହୁଡ଼ି ଆସିଲା ପରେ
ତାହା ତ ଫେରେଇ ଦିଅ, କିନ୍ତୁ
କୋଉ ଖିଆଲରେ
ତା' ଉପରେ ଢାଙ୍କିଦିଅ
କୃଷ୍ଣରଙ୍ଗି ରେଶମ କମ୍ବଳ ?

କିଛି ଅବସୋସ ନାହିଁ
ଏଇ ମାତ୍ର ବିନା,
ଦୟାମୟ, ଜାତିସ୍ମର କର
ପ୍ରାରବ୍ଧ ମୋ' ଦର୍ପଣଟିଏ ହୋଇ
ଜଳଜଳ ଦିଶୁଥାଉ
ତୁମ ପାଦ ଲକ୍ଷ୍ୟବିନ୍ଦୁ ହେଉ
ତୁମ ନାମ ତୁଣ୍ଡେ ଥାଉ
ଜନ୍ମ ଜନ୍ମାନ୍ତର
ଦୟାମୟ, ଜାତିସ୍ମର କର ।।

**ତାପସ କୁଟୀର, ବଇଣ୍ଡା, ଅନୁଗୋଳ**

# ସମୟର ଅବସୋସ

## ଗୋପାଳ ଚନ୍ଦ୍ର ମିଶ୍ର

ଉତ୍କଳ ମୋହର ଜନମ ଭୁଇଁ
ଭାରି ସୁନ୍ଦର ରେ ଭାରି ସୁନ୍ଦର।
ସାରା ଭାରତର ମଣି ଯେ ସେହି,
ତା' କଳା କୃତିର ଉପମା ନାହିଁ,
ଜଗନ୍ନାଥ ପରା ଦେବତା ତା'ର।
ଭାରି ସୁନ୍ଦର ରେ ..... (୧)

ଭଗ୍ନ କୋଣାରକ କୁହଇ କଥା
ଭାରି ଭଲ ଲାଗେ ତା'ର ସାଗର।
ତାରକସି କାମ ତା' ପରମ୍ପରା,
ଆରିଶା ଏଣ୍ଡୁରୀ ପିଠା କାକରା,
ଗାଇଲେ ନସରେ କିରତି ତାର।
ଭାରି ସୁନ୍ଦର ରେ...... (୨)

ଓଡ଼ିଆ ଭାଷା ତ ହେଲା ଶାସ୍ତ୍ରୀୟ
ମହକି ଉଠିଲା ସାରା ସଂସାର।
ଗୋପବନ୍ଧୁ ଆଉ ବାଜି ରାଉତ,
ମଧୁବାବୁ ତା'ର ସୁଯୋଗ୍ୟ ସୁତ,
ଶ୍ମଶାନ ଯାହାର ସରଗ ପୁର।
ଭାରି ସୁନ୍ଦର ରେ..... (୩)

ବାରବାଟୀ ଗାଏ ତା ବୀର ଗାଥା
ନୀଳାମ୍ବୁ ଚିଲିକା କି ମନୋହର।
ଓଡିଶୀ ଯାହାର ବିଶ୍ୱ ପ୍ରସିଦ୍ଧ,
ଗାଇଲେ ସେ ଗୀତ ଉଠଇ ପାଦ,
ତା' ଯାନି ଯାତରା ଗରବ ମୋର।
ଭାରି ସୁନ୍ଦର ରେ.... (୪)

ପଥର ମୁହଁରେ ଫୁଟାଇ ହସ
ଦିତୀୟ କୋଣାର୍କ ହେବ ତିଆର!
ଅଖଣ୍ଡ ଓଡିଶା ସପନ ଦେଖି,
ଆଖି ମୋ' ସେଠାରେ ରହିଛି ଲାଖି,
ଅବସୋସ ପ୍ରଭୁ କର ହେ ଦୂର।
ଭାରି ସୁନ୍ଦର ରେ.... (୫)

ଅରିଲୋ, କଟକ

# ଅବସୋସ

ସଂଯୁକ୍ତା ମହାପାତ୍ର

ଜୀବନଟା ଏଠି ମରୁ ମରୀଚିକା
ମୃଗ ତୃଷ୍ଣା ପ୍ରାୟ ଲାଗେ,
କାହିଁକି କେଜାଣି ଅବୁଝା ମନଟା
ମାୟା ପଛେ ପଛେ ଜାଗେ?

ଏଠି ମନେ ରହେ ଅବସୋସ,
ସତେ କି ମେଣ୍ଟିବ ତୃଷ୍ଣା ବାଲୁକା ରାଶି ସହିତ?
ଫୁଲର ପରଶ ପାଇବା ପାଇଁ କି,
ଭଅଁର ଯେ ଭ୍ରମେ ନିତି,
ଅକୁହା ବେଦନା କହି କି ପାରଇ,
ଝୁରି ମରୁଥାଏ ସେ କି?
ଏଠି ମନେ  ରହେ ଅବସୋସ
ନୀତି ପାଆନ୍ତା କି ଫୁଲର କୋମଳ ପରଶ !
ଅଙ୍କାବଙ୍କା ନଦୀ ବନ୍ଧୁର ପଥରେ
ମନେ ବାନ୍ଧିଥାଏ ଆଶା
କଷଣ ପଥରେ ପଥିକ ହେଲେ ବି
ସାଗର ଟେକି ତା' ମଥା ଡାକ ଛାଡ଼ିଥାଏ
ମୋ' ସହ ଆସି ମିଶି ଯା'
ଏଠି ମନେ ରହେ ଅବସୋସ
ନଦୀ, ସାଗରର ମିଳନ ନୁହେଁ
ଏ ନିଛକ ପ୍ରେମର ବାସ
ଯେତେ ଭାବୁଥାଏ ଅସରନ୍ତି କଥା
କାନେ କହେ ଏଇ ଭାଷା
କା ଆଗେ କହିବି, କିଏ ବା ଶୁଣିବ
ଅନ୍ତର ବେଦନା କଥା
ଯଦି ମନେ ଥାଏ ଅବସୋସ
ସତ୍ୟ ପଥେ ରହି ସତ୍ କର୍ମ କଲେ
ସାହା ହେବେ ଆଶୁତୋଷ
ମନେ ରଖନାହିଁ ଅବସୋସ

ଦାଣ୍ଡମୁକୁନ୍ଦପୁର, ପୁରୀ

# ଅବସୋସ

ସୌଦାମିନୀ ସାହୁ

ଏଇ! ଶୁଣୁଛ ତୁମେ,
ଆଜି ତୁମେ ଆତ୍ମତୃପ୍ତିରେ
ହସୁଥିବ ତୁମ ଇଚ୍ଛାର ସହରରେ,
ଅନୁଭବ କରୁଥିବ ସ୍ୱର୍ଗୀୟ ସୁଖ ।

ତୁମେ ଜିତିଗଲ
ମୁଁ ହରେଇଲି, ପୁଣି ହାରି ଗଲି
ତୁମେ ଭାଙ୍ଗିଦେଲ, ମୁଁ ତିଆରିଥିଲି,
ତୁମେ ମିଛ କହିଲ, ଭୁଲେଇ ଦେଲ,
ସତ କ'ଣ ପଚାରୁ ପଚାରୁ
ତୁମେ ସବୁ କବାଟ ବନ୍ଦ କରିଦେଲ
କ'ଣ ପାଇଲ? କେତେ ପାଇଲ?
ଅବସୋସ ରହିଗଲା ସତରେ
ହିସାବ କରିଲି, ହେଲେ ନିଜେ ...
ବେହିସାବ ହୋଇଗଲି ।

ତୁମେ ଜିତିଗଲ,
ତୁମର ସମସ୍ତେ ଅଛନ୍ତି ଆଜି
ମୁଁ ଏକା ହୋଇଗଲି,
ମୁଁ ହରେଇଦେଲି ଆଉ ହାରିଗଲି ।
ଅନୁଭବର ପ୍ରତିଟି ସକାଳକୁ
ବାରମ୍ବାର ପଚାରିଛି ମିତ,
ସବୁଠି କେବଳ ପାଏ
ତୁମରି ଛଳନାର ଚିତ୍ର ।
ଅଭିନବ ଅନୁରାଗ ଶରେ
ସାରା ଦେହମନ ହୁଅଇ ରକ୍ତାକ୍ତ ।

ଅବସୋସ, ଏତିକି ହୃଦୟେ
ଭୁଲର ଏହା କି ପ୍ରାୟଶ୍ଚିତ,
ନା ନା ବଦଳିଛି ସଂଜ୍ଞା ପୁଣି
ବିଶ୍ୱାସର ମାନବତା ଗୁଣ ?
ଏଇତ ମୋ' ଦୁଃଖର କାରଣ ।

ସଫା, ଟାଙ୍ଗୀ,
କଟକ



# ଅବସୋସ

**ଜୟନ୍ତୀ ସ୍ୱାଇଁ**

ବନ୍ଧୁ ତୁମେ ସଖା ନୁହେଁ
ସାଥୀ ତୁମେ ପ୍ରେମୀ ନୁହେଁ
ତୁମେ ମୋ'ର ଜୀବନର
ଅଦିନିଆଁ ଝଡ଼ଟିଏ....॥

ପ୍ରେମ ଅଛି ପ୍ରୀତି ନାହିଁ
ସୁଖ ଅଛି ଶାନ୍ତି ନାହିଁ
ତୁମେ ମୋତେ ଦେଇଗଲ
ଅପାସୋରା ସ୍ମୃତିଟିଏ....॥

ସ୍ୱପ୍ନ ଅଛି ନିଦ ନାହିଁ
ମନ ଅଛି ଆଶା ନାହିଁ
ତୁମ ପାଇଁ ମୋ' ଜୀବନ
ଅମାବାସ୍ୟା ରାତିଟିଏ....॥

ଫୁଲ ହସେ ପକ୍ଷୀ ଗାଏ
ଜହ୍ନ ଉଠେ ନଦୀ ବହେ
ମୋ' ଆଖିରେ ତମେ ଖାଲି
ଲୁହଭରା ଛବିଟିଏ....॥

କର୍ମ କରି ତୃପ୍ତି ନାହିଁ
ତ୍ୟାଗ କରି ପୂଣ୍ୟ ନାହିଁ
ମୋ' ପାଇଁ କେବଳ ତମେ
ଦୁଃଖ ଆଉ ଅବସୋସଟିଏ....॥

ବରାଙ୍ଗ, ଅସ୍ତରଙ୍ଗ,
ପୁରୀ



# ଅବସୋସ

**ଅଞ୍ଜଳି ଦାସ**

ହୃଦୟର ଭାଷା
ମନର ଅକୁହା ବ୍ୟଥା
ଅସହ୍ୟ ଯନ୍ତ୍ରଣାରେ ମର୍ମାହତ
ଜୀବନର ପ୍ରତିଟି ମୁହୂର୍ତ୍ତ
କେବଳ ଅବସୋସ.....
ଆଉ ଅବସୋସ.......
ଜୀବନର ଚଲାପଥେ
ସ୍ୱପ୍ନ ଦେଖୁଥିବା ମଣିଷଟିର
ଆବେଗତା ଯଦି ହଜିଯାଏ
ସବୁ ଖୁସି ଆଉ ଶାନ୍ତି
ହରାଇ ବସେ ଆଗକୁ ବଢିବାର ଶକ୍ତି
ସବୁ ହେଇଯାଏ ପ୍ରୟାସର ଜାଇ
ଆଶା ସ୍ୱପ୍ନ ସବୁ ମରି ମରି ଯାଏ
ହୃଦୟର କୋଣ ଅନୁକୋଣେ
ଅବସୋସର ଅନ୍ଧାରୀ ଇଲାକାରେ
ଏମିତି ବି ହୁଏ
ସଫଳତାକୁ ଖୋଜୁ ଖୋଜୁ
ସରିଯାଏ ଆୟୁ
ରହିଯାଏ ଅସଜଡ଼ା ସ୍ୱପ୍ନ
ଆଉ ଇଚ୍ଛାର ବାକି "ଅବସୋସ"

ଅସ୍ତରଙ୍ଗ, ପୁରୀ



# ଅବସୋସ ମନ

**ଜୟଶ୍ରୀ ପଟ୍ଟନାୟକ**

ଶ୍ରୀକ୍ଷେତ୍ରକୁ ଗଲି ଅନେକ ଥର ତ
ହେଲେ ତୋତେ ଦେଖିନାହିଁ
କରୁଣା ତୋହର ଊଣା ହେଲା ବୋଲି
ଅଭିମାନେ ଗଲିନାହିଁ ।୦
ପତିତଜନଙ୍କୁ କରିଛୁ ଉଦ୍ଧାର
ଦେଇ ତୋ' କୃପା ବରଷି
ଭାଇ ଭଉଣୀଙ୍କ ସଙ୍ଗତେ ବସିଛୁ
ନାଲିଆ ଅଧରେ ହସି
ଦୁଃଖ ସାଗରରେ ବୁଡ଼ି ମରେ ନିତି
ମୋ' ପାଇଁକି ନିଘା ନାହିଁ ।୧
ଭକତ ସୁଦାମା ମାଗିନାହିଁ କିଛି
ଦେଲୁ ତାରେ ବହୁ ଧନ
ଯାଜପୁର ବନ୍ଧୁ ମନକୁ ବୁଝିଣ
ଭାବରେ ବାନ୍ଧିଲ ମନ
ଯାହା ମୁଁ ଖୋଜିଲି ତୁମଠାରେ ପ୍ରଭୁ
ତାହା ତ ପାଇଲିନାହିଁ ।୨
ହୃଦମନ୍ଦିରରେ ବିଜେ କରି ସଦା
ପୂଜା କରୁଥିଲି ବସି
ସକାଳରୁ ସଞ୍ଜ ଧାୟୀ ତୁମପାଦ
ସାଜିଥିଲି ଦେବଦାସୀ
ଅବସୋସେ ମନ ରହିଲା ଅପୂର୍ଣ୍ଣ
ମୋ' ଦୁଃଖ ଫେଡ଼ିଲ ନାହିଁ ।୩

ଗଙ୍ଗନଗର ଛକ,
ଭୁବନେଶ୍ୱର

# ନାହିଁ କିଛି ଅବସୋସ

**ସୌଦାମିନୀ ମିଶ୍ର (ଦାଶ)**

ତୁମକୁ ପାଇବାର ଦୁର୍ବାର ଇଛା ହିଁ ତ
ମୋତେ ଆଜି ସଜାଇ ଦେଇଛି
ଏହି କୁଆଁରୀ ବେଶରେ ।
ତମେ ଆସୁଛ ବୋଲି କେହି ଜଣେ କହିଦେଲେ
କାହିଁକି କେଜାଣି ଚିହିଁକି ଉଠେ ମୁଁ
ଦଲକାଏ ଶୀତଳ ପବନରେ ।
ଫଗୁଣ ବି ଅଳସ ଭାଙ୍ଗେ ମୋ' ଆଖିରେ
ସ୍ୱପ୍ନର ତୂଳି ଧରି ଆଙ୍କିବସେ
ମନଲୋଭା ନୀଳାଭ ଆକାଶ
ତାରାଫୁଲ ଗହଳରେ ଜହ୍ନର ଜୁଆର
ପ୍ରଶାନ୍ତ ମୁଦ୍ରାରେ ଧ୍ୟାନରତ ଚନ୍ଦ୍ରଚୂଡ଼
ଆଉ ଛଳଛଳ ଜାହ୍ନବୀର ଧାର ।
ନାରଙ୍ଗୀ ମୋ' ଅଧର ଲତାରେ
ଲାସ୍ୟଭରା ଲାବଣ୍ୟର ହସ
ମଳୟର ମଧୁଛନ୍ଦେ ହୁଅଇ ବିଭୋର ।
ଖୁବ ନିବିଡ଼ ସମ୍ପର୍କ ଜାଣେ ତୁମ ସହ ମୋ'ର
ଜୀବନର ଲକ୍ଷ୍ୟ ତୁମେ
କେତେ ଜନ୍ମ କେତେ ଯେ ଯୁଗର ।

ତୁମରି ପାଇଁ ତ ସାଜିଛି ମୁଁ
କୋଟିକମର ରୂପଧନ୍ୟା
ପଥଚାରୀର ଅପୂର୍ବ ଆକର୍ଷଣ ।
ବସନ୍ତର ବାନ୍ଧବୀ ବୋଲି କହନ୍ତି ଜଗତେ
ଶୁଣାଏ ନଈ ପାହାଡ଼ ଅରଣ୍ୟର ଗୀତ
ଆଉ ଜୀବନ ଦର୍ଶନ ।
ନାହିଁ କିଛି ଅଭିମାନ ନାହିଁ ଅବସୋସ
ବର୍ଷକରେ ଥରେ ଭାଗ୍ୟ ଉଦୟ ମୋହର
ପାଇବାକୁ ଜାଣିଚାଏ ପ୍ରିୟଙ୍କ ଆଦର ।
ସମର୍ପି ଦେଇ ନିଜକୁ ସେ ପାଦପଦ୍ମରେ
କୁସୁମ ଜୀବନ ମୋ'ର ହୁଅଇ ସାର୍ଥକ
ମନକୁ ବୁଝାଇ ନିଏ ଭାଗ୍ୟକୁ ଆଦରି
ନଥିଲେ ନଥାଉ ପଛେ
ମୁଠାଏ ମହକ ।

ସମ୍ପାଦିକା,
ନିର୍ଝରିଣୀ ସାହିତ୍ୟ ସଂସଦ,
ବ୍ରହ୍ମପୁର

# ଅବସୋସ



**ଛବିରାଣୀ ପତି**

ନଥାଏ ତା' ପାରାବାରେ
ଦୈର୍ଘ୍ୟ ପ୍ରସ୍ଥ ଉଚ୍ଚତାର ଚଉସୀମା
ନଥାଏ ତା' ବିଗଳିତ ପିଣ୍ଡରେ ପରାଣ !
ହେଲେ, ଥାଏ ନିଷ୍କପଟ ଛୋଟିଆ ହୃଦୟର
ଆବେଗରେ ଅସରନ୍ତି ଭାବାବେଗ ।
ଏବଂ ରହି ଯାଇଥାଏ ....
କର୍ପୁର ଉଡ଼ା କନା ପରି ସ୍ମୃତି ଲେସା
ଆତ୍ମଗ୍ଲାନିର କୁଢ଼କୁଢ଼ କ୍ଳେଶ ।

ଭିନ୍ନ ଧରଣର ଏକ ନିଆରା ଅନୁଭବ
କିଛିକିଛି ସତ ଚେଷ୍ଟା ସତ୍ତ୍ୱେ ନପାଇବାର
ଆଉ କିଛି ଅକ୍ଳେଶରେ ପାଇଯାଇ
ଅନାଦର ଭାବେ ହରେଇଦେବାର
କେବଳ ଦୁର୍ବାର ଧୃଷ୍ଟତା ।

ଓଃ..... ହୃଦୟଟା ସତେ
କେମିତି କୋରି ବିଦାରି ହୋଇଯାଏ ନା ?

ସହଜରେ ମିଳିଯାଉଥିବା ପ୍ରତ୍ୟେକ କଥାର
ମୂଲ୍ୟ ଆଜିଯାଏଁ କିଏ ବୁଝିଛି ନା ବୁଝିବ ??
ବାସ୍ .... ଚାଲିଗଲା ପରେ ....
ମୁଣ୍ଡ କୋଡ଼ି ହେବା ଗୋଡ଼ କଚାଡିବା ସାର ।

ଏଠି ତ ସପନ ବି ଦିଏ ନାହିଁ ସାଥ୍ !
ବାସିଆ ସ୍ମୃତିର ଚେନାଏ ସୁଖ ....
ବେଶୀ ସମୟ ବି ଦିଏନାହିଁ ମ !!!
ବାରମ୍ବାର ଭୁସ୍ ଭାସ୍ ଛାଡ଼ିଚାଲେ ରହି ରହି
ଥୋକେ ଅବସୋସର ....
ଗରମ ଗରମ ମରମଭେଦି ଦୀର୍ଘଶ୍ୱାସ ।

ଯେତେ ପତର ପତର କରି ନିଜକୁ ଜାଳ
ଛାତିରେ ଅନୁତାପର ଦିହୁଡ଼ି ସଜାଅ !
କି, ସ୍ପନ୍ଦନର ପ୍ରତି ନିଃଶ୍ୱାସ ପ୍ରଶ୍ୱାସକୁ
ମରୁଭୂମିର ବାଲିଝଡ଼େ ଉଡ଼ାଅ !!,
ପୁନଃ ବିଶ୍ୱାସକୁ ଜୀବନର ଅନ୍ତିମ ଶେଯ
ଛ'ଖଣ୍ଡ କାଠରେ ଜୁଇ କରି ବିଛାଅ !
କିଛି ଫରକ୍ ଆସେନା କି ଆସିବନି କେବେ !
ସେ ତ ବୋହିଗଲା ପାଣି,
ପାଟିରୁ ସରିଗଲା କଥା,
ଧନୁରୁ ଛାଡ଼ି ଚାଲିଯାଇଥିବା ତୀର
କେବେ ଫେରିନି କି ପାରିବନି ଫେରି ।

ଶୋଇବାକୁ ହେବ ଯାହା
ନୈରାଶ୍ୟର ବହଳ ନିଦରେ
ସେପର୍ଯ୍ୟନ୍ତ ଖାଲି ପୀଡ଼ା ପୀଡ଼ା ଆଉ ପୀଡ଼ା
ଖାଲି ଦହନର ଜ୍ୱାଳା
ଏ ଯନ୍ତ୍ରଣା ବିଦଗ୍ଧ ଜୀବନ ପୂର୍ଣ୍ଣାହୁତିରେ
ପରାଧୀନ ଅନୁକମ୍ପାର ଦେହ ଦେଉଳ
ବନ୍ଦୀ..... ଅବଶିଷ୍ଟ ଭୋକର ଭଗ୍ନାଂଶ ...।

**ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ**
**ମଧଶାସନ , ବିରିଡ଼ି, ଜଗତସିଂହପୁର**



# ମୁଠାଏ ଅବସୋସ

ସବିତା ମହାପାତ୍ର

ଏ କେମିତି ଆସକ୍ତି ମୋ'ର
ପାଣି ଉପରେ ସାଉଁଟେ
ବିମ୍ବିତ ଚନ୍ଦ୍ରର ଶୁଭ୍ରାଂଶ...
ଲୁହର ପାଖୁଡ଼ାରୁ ପୋଛି ରଖିଲି
ନାନା ରଙ୍ଗ ଫୁଲଙ୍କର ବାସ୍ନାକୁ
ଜଳି ଜଳି ଯାଉଥିବା ଧୂପରୁ
ସାଇତି ରଖିଲି ପଣତ କାନିରେ
କିଛି ମହକ କିଛି ଅବଶେଷକୁ...
ଆଉ କିଛି ସାଉଁଟି ନେଲି
ନିଃସଙ୍ଗ ନକ୍ଷତ୍ରର ମଳିନ ଆଭାକୁ
ନା ଫୋପାଡ଼ି ପାରିଲି
ନା ସାଇତି ରଖିଲି...
ଯେତେ ସବୁ ମିଛ ସପନ ଖାଲି
ମୁଠାଏ ଅବସୋସ
ଆଞ୍ଜୁଳିରେ ଭରି ରଖିଲି
ଖାଲି ଯାହା ହୃଦୟକୁ ଓଜନିଆ କରି....

ମୋ' ଭାବନା ରାଜ୍ୟରେ
ନିରନ୍ତର ପ୍ରସ୍ଫୁଟିତ ତାରା ଫୁଲ
ଅମା ଅନ୍ଧକାରରେ ସଜେଇ ହୁଅନ୍ତି
ଅସମାପିକା ଶବ୍ଦ ସମ୍ଭାରରେ
ଖିଆଲି ପଣରେ
ନିରୁତା ବିଭୋର ସ୍ୱପ୍ନରେ....
ଲେଉଟି ଆସେ
ଯେତେଥର ବଢ଼ାଏ ମୁଁ ହାତ
ଆଞ୍ଜୁଳାଏ ସପନକୁ ବାନ୍ଧି ରଖିବାକୁ
ଜାଣିଲି ସବୁ କେବଳ ମୋହ
ହଜିଯାଇଥିବା ସପନ
ଯେତେ ସବୁ ଲୋଭନୀୟ ପଣ
ଆଉ ମୁଠାଏ ଅବସୋସ...
ହଁ, ଖାଲି ଅବସୋସ.....

କବିସୂର୍ଯ୍ୟନଗର,
ଗଞ୍ଜାମ

# ଅବସୋସ



**ସୂର୍ଯ୍ୟକାନ୍ତି ଦାଶ**

ଇଚ୍ଛା ସବୁବେଳେ ନୁହେଁ ଆୟତ
ମନ ହୃଦୟରେ ନୁହେଁ ସୀମିତ ।
ଅସୀମ ଭାବନା ଅବଦମିତ
ସେସମୟେ ମନ ହୁଏ ବ୍ୟଥିତ ।
ଅନ୍ତରେ ଅନ୍ତରେ ସେ ଆନ୍ଦୋଳିତ
ହୃଦୟକୁ ଭାଙ୍ଗେ ସେ ଅବିରତ ।
ଯେଉଁ ଇଚ୍ଛା ସ୍ୱପ୍ନ ଯାଏ ତ ରହି
ଅବସୋସ ବୋଲି ତାକୁହିଁ କହି ।
ଅବସୋସର ଯେ କୁପରିଣାମ
ଶରୀର ଅନ୍ତରେ ଦେଖାଏ କାମ ।
ଭାବିଭାବି ବ୍ୟକ୍ତି ନିରାଶ ହୁଏ
ଲଭିବାକୁ ଶତ ଚେଷ୍ଟାଯେ ଥାଏ ।
ଅସଫଳ ଯେବେ ଆସେ ଜୀବନେ
ଭାଙ୍ଗିପଡ଼େ ଆପେ ହୃଦୟ ମନେ ।
ଆଶାର ନଈରେ ପହଁରିବାକୁ
ଭଲ ଲାଗେ ସଦା ଯିବା ଦୂରକୁ ।
କେତେବେଳେ ଭାଗ୍ୟ ଦିଅଇ ବଳ
ନପାଇ ହତାଶ ସେ ଥଳ କୂଳ ।
ସମୟ ସୁଅରେ ସେ ଭାସି ଯାଏ
ସଂସାର ଜଞ୍ଜାଳେ ବୁଦ୍ଧି ହଜାଏ ।
କଳ୍ପନାରେ ବୁଲେ ନୀଳ ସାଗର
ନକରି ଅନ୍ତରୁ କାମନା ଦୂର ।
ଆଜିର ନିଃଶ୍ୱାସ କାଲି ନଥିବ
ସ୍ୱପ୍ନ ଆଶା ଇଚ୍ଛା ପଡ଼ିରହିବ ।
ବସା ବାନ୍ଧିଥିବା କଳ୍ପନା ସବୁ
କେବେବା ପୂରଣ କରନ୍ତି ପ୍ରଭୁ ।
ଅବସୋସ ଏକ ଅନ୍ତର ସ୍ୱପ୍ନ
ଭାଗ୍ୟ ସାଥେ ଥିଲେ ହୁଏ ପୂରଣ ।
ପରମ ପବିତ୍ର ହେ ଜନାର୍ଦ୍ଦନ
ସର୍ବ ବିଦ୍ୟମାନ ଅଟ ଆପଣ ।
ତୁମ କୃପାବଳେ ଚାଲଇ ନାଆ
ଭକ୍ତ ଜନେ ସଦା ହୁଅହେ ସାହା ।

ଓଗାଳପଡା, ଯାଆଁଳା
ଖୋର୍ଦ୍ଧା

# ଅବସୋସ

ବୀଣାପାଣି ଦେବୀ

ଜୀବନରେ ଯେବେ ପୂର୍ଣ୍ଣତା ଆସେ
ସବୁ ଆଶା ମେଣ୍ଟିଯାଏ
କିଛି ଆଶା ପୁଣି ପୂର୍ଣ୍ଣ ହୁଏ ନାହିଁ
ଅବସୋସ ରହିଯାଏ
କାମନା ବାସନା ମଧ୍ୟରେ ଜୀବନ
କରୁଥାଏ ଗତାଗତ
କେବେ କେବେ କିଛି ଲଭେ ନାହିଁ ବ୍ୟକ୍ତି
କରେ ନାହିଁ କିଛି ପ୍ରାପ୍ତ
ଜୀବନ ଧାରଣ ପାଇଁ ଆବଶ୍ୟକ
ମୌଳିକ ଉପାଦାନ
ଖାଦ୍ୟବସ୍ତ୍ର ସଙ୍ଗେ ବାସଗୃହ ଆଦି
ଲୋଡୁଥାଏ ଏ ଜୀବନ
ସଭିଙ୍କ ଦେହରେ ଛନ୍ତି ନାରାୟଣ
ନର ଦେହୀ ପରିପୂର୍ଣ୍ଣ
ତଥାପି ସଭିଙ୍କୁ ବଂଚିବା ପାଇଁ କି
ମିଳେନି ମୁଠାଏ ଅନ୍ନ
ହତାଶାର ଭାବ ଭାଙ୍ଗିଦିଏ ଦମ୍ଭ
ମରିଯାଏ ସବୁ ସ୍ୱପ୍ନ
ଅବସୋସ ଭରା ଅପୂର୍ଣ୍ଣ କାମନା
ମରଣ ମାଗେ ଜୀବନ
ଶୂନ୍ୟତାକୁ ଚାହିଁ ନିମିଷକେ ରହି
ଆଖିରୁ ଗଡ଼ାଏ ଲୁହ
ମଣିଷ ପଣିଆ ଧିକ୍କାରି ଉଠଇ
ଛାତି ତଳେ ଚାପି କୋହ
ଆଶା ପାରିଜାତ ଆଶାରେ ଶୋଭିତ
ଆଶାରେ ବଂଚନ୍ତି ନର
ନିରାଶା ମରୁରେ ମରିଚିକା ଦେଖି
ଜୀବନ ଲାଗେ ଅସାର
ସଂସାର ହାଟରେ ସମଦର୍ଶୀ ବୀର
ସୃଷ୍ଟିର ଏ ଚିରନ୍ତନ
ପାତରଅନ୍ତର ପକ୍ଷପାତ କର୍ମ
କରୁଛନ୍ତି ଭଗବାନ
କାହାକୁ ଦିଅନ୍ତି ରାଜସୁଖ ଭୋଗ
କାହା ପାଇଁ କ୍ଷୀରୀ ପୁରି
କାହାକୁ ନ ମିଳେ ଖାଇବାକୁ ଭାତ
ଅଇଁଠା ପତର ଧରି
ଜନ ମରୁ ନିଃସ୍ୱ ରହେ ଅବସୋସ
ଝରିଯାଏ ଝରାଫୁଲ
ବିଚିତ୍ର ବିଭବ ସୃଷ୍ଟିରେ ସମ୍ଭବ
ଜୀବନ ଯାତନା ମୂଲ୍ୟ
ଅଭିଯୋଗ ନାହିଁ ଅଭିଳାଷ ନାହିଁ
ପ୍ରଭୁ ମୋତେ ନିଅ ଟୋଳି
କରୁଛି ବିନତୀ ଆହେ କ୍ଷିତିପତି
ତୁମ ପାଦେ ମୋର ଅଳି

ବାଣପୁର,
ଖୋର୍ଦ୍ଧା

# ଅବସୋସ

**ମନସ୍ୱିନୀ ସାହୁ**

ଭଲପାଇବାର ଅସରନ୍ତି ଶୋଷ
ମାୟା ମୋହ ଘେରା ଝାପସା ପ୍ରକାଶ
କିଏ ହାତ ଠାରି ଡାକି ଥିଲା ଥରେ
ହାତ ଧରି ନେଇ ଦେଇଛି ସନ୍ତୋଷ
ସେହି ମାୟା ଆଜି ଅନ୍ଧାର ଛାୟା
ସେହି ମୋହ ଭରେ ଅସରନ୍ତି କୋହ
ଭଲ ପାଇଥିଲି ଧୋକା ଖାଇଗଲି
ସେହି ଯାହା ମୋ'ର ମୁଠାଏ ଅବସୋସ ।

ପ୍ରେମର ଫଗୁଣ ଶାଖା ମେଲିଥିଲା
କୁଠାରାଘାତରେ ତାହା କଟିଗଲା
ଦୁଃଖ ନାହିଁ କିଛି ପିଇବାରେ ବିଷ
ଜୀବନ ଜଞ୍ଜାଳ ସଂସାର ପୀୟୁଷ
ତୁମେ ଭୁଲିଗଲ ବହୁତ ଭଲ କଲ
ଖୋଜୁଛି ଭାବୁଛି କ'ଣ ମୋର ଦୋଷ
ସର୍ବସ୍ୱ ଉଜାଡ଼ି ସବୁ ପାଇଗଲି
ଏତିକି ତ ଯାହା ଆତ୍ମସନ୍ତୋଷ
ଭଲ ପାଇଥିଲି ଧୋକା ଖାଇଗଲି
ନାହିଁ କିଛି ସତ
ମୋର ଅବସୋସ ।

ରୂପାଲି ଛକ,
ଭୁବନେଶ୍ୱର



# ଛାତିରେ ମୋହର ଜଳେ ବଇଶାଖୀ

ସୁରଞ୍ଜନ ପାତ୍ର

ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ
କେମିତି ଗାଇବି ଜୀବନର ଗୀତ
ଅବସୋସମୟ ସାରା ଚଲାପଥ
ଗୁମୁରି ମାରଇ କୋହ।।

ମଉଳି ଗଲାଣି ସ୍ମୃତିର ପତରେ
ସବୁଜ ସୋହାଗ ଯେତେ
ମନପକ୍ଷୀ ବସା ଭୂଇଁରେ ଲୋଟୁଛି
ସୁଖ କାରାବାସେ ବିତେ।

ଦରଜାକୁ ଖୋଲି ବସିଛି ମରଣ
ଉଜାଣି ବୋହୁଛି ସୁଅ
ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ।।

ଚନ୍ଦନବନେ ଯାଯାବର ଆଜି
ଭଲପାଇବାର ଦିନ
ଶିଉଳିରେ ଭରା ଘାଟରେ ଆକୁଳ
ବୟସର ପାଦ ଚିହ୍ନ।

ଦୁଃଖ ମଶାଣିରେ ଆଉ ମୁଁ ପାରୁନି
ଏ ଦେହକୁ କରି ଦାହ
ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ।।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର



# ଅବସୋସ

**ଜିତେନ୍ଦ୍ର କୁମାର ନାୟକ**

ପ୍ରସ୍ତ ପ୍ରସ୍ତ ପାଖୁଡା ତା' ଖୋଲିଯାଏ...
ପ୍ରସ୍ଫୁଟିତ ଫୁଲଟିଏ ପରି
ତରଙ୍ଗର କ୍ଷୁଧା କ୍ରମେ ମରିଯାଏ...
ରାତ୍ରି ଯେବେ ଆସେ ସରିସରି...
ସକାଳକୁ ମହଳନ ଜହ୍ନ ଦେଖେ
ଉଦାସ ଆଖିରେ ତା'ର....
ତରଙ୍ଗର କେତେ ବ୍ୟବଧାନ,
ଅଥଚ ବାଲିର ଶେଯ
ରହିଅଛି କାଲି ପରି ଆଜି ବି ଚିକ୍କଣ.....
ସ୍ମରଣ କରୁଛି ଆଜି ଅତୀତକୁ...
ସମ୍ପର୍କକୁ ଅତି ବେଶୀ ବିଶ୍ଳେଷଣ କରି
ଦୀର୍ଘ ଅବସୋସ ପରେ......!

ସଂ- ପ୍ରୀତିପଦ୍ମା,
ସାକ୍ଷୀଗୋପାଳ, ପୁରୀ

# ଅବସୋସ



**ଡକ୍ଟର ଚପଳା ପଣ୍ଡା**

ଶୋଷ ସିନା ମେଣ୍ଟି ଯାଉଛି
ଢୋକେ ପାଣି ପିଆରେ,
ଅବସୋସ ଥିଲେ ହୃଦରେ
ମଶାଣିକୁ ଆଦରେ।
ଚିନ୍ତା ଚେତନାର ମାର୍ଗରେ
ପଡ଼ି ଯାଉଛି ଛକ,
ମନ ବିବେକକୁ ଖାଉଛି
ପୋଡ଼ି ଯାଉଛି ସୁଖ।
ହା' ହତାଶାରେ ପରାଣ
ଦେଖ ଯାଉଛି ବୁଡ଼ି,
ଆଶା ବିଶ୍ୱାସର ହୃଦୟେ
ତାଲା ଯାଉଛି ପଡ଼ି।
ଅବସୋସ ଶୋଷ ପାଉଁଶ
ତୃଷ୍ଣା ମାଗେନି ପାଣି,
ଭରସା ବିହନ ଖତରା
ହୃଦ ହୁଅଇ ହାଣି।
ନୈରାଶ୍ୟ ନିଶୁଣି ସାଜୁଛି
ଶବ କୋକେଇ ପରି,
ମରୁଡ଼ିର ଧାନ କିଆରୀ
ଉଠେ ବାଲୁଙ୍ଗା ଧରି।

ଭୋକ ବିକଳରେ ତାଟିଆ
ପ୍ରାୟେ କାମୁଡ଼େ ମୁଖ,
ଅବସୋସ ଡାକି ଆଣଇ
ଜୀବନରେ ଆତଙ୍କ।
ଗଣ୍ଠିଲିରେ ଗଣ୍ଠି ପକାଇ
ଥାଏ ଜୀବନ ଚର୍ଯ୍ୟା,
ଅନୁଭବୀ ପ୍ରାଣ ଜାଣଇ
ଅବସୋସର ଭେଜା।
ସନ୍ତାପିତ ପ୍ରାଣ ହୃଦୟ
ଅବସୋସକୁ ଧରେ,
ଆହତ ଆଶଙ୍କା ଖେଳାଇ
କୂଟ କପଟ ବରେ।
କହି ହୁଏ ନାହିଁ କାହାକୁ
ସହି ହୁଏତ ନାହିଁ,
କଥା କୋଥଳିରେ ସାଇତା
ଦେହ ହାମୁଡ଼ି ଥାଇ।
ପୋଡ଼ି ଦିଅ ଅବସୋସକୁ
ଚୁଲି ନିଆଁ ପାଉଁଶେ,
ଯୋଡ଼ି ଦିଅ ନିଜ ଆୟୁଷ
କର୍ତ୍ତବ୍ୟର ପୀୟୁଷେ।

ଖୋର୍ଦ୍ଧା



# ଅବସୋସ

**ରାଜେଶ କୁମାର ମୁଣ୍ଡ**

ପବନରେ ଫାସ ପକେଇ ପାରିବ ତ ?

ପାଖକୁ ଆସିବାକୁ ଚାହଁ ତ ?
କିନ୍ତୁ ମନେ ରଖ !
ଜଳି ଯାଇପାର
ସମ୍ପର୍କର ଅଜଣା ଜ୍ୱାଳାରେ ।

ଛନ୍ଦିବାକୁ ଚାହଁ ତ ?
ହଁ, ଛନ୍ଦିପାର
ପ୍ରୀତିର ଛନ୍ଦରେ, ଲୟରେ ।
କିନ୍ତୁ, ନିଜେ ବି ବାନ୍ଧି ହେଇପାର
ଅତୁଟ ବନ୍ଧନରେ
ଯେଉଁଠୁ ମୁକୁଳିବାର ଯୁ' ନାହିଁ ଆଉ ।

ଫୋପାଡ଼ି ଦେବ ତ
କିଛି ଦିନ ବସାବାନ୍ଧି ରହିଲା ପରେ ?
ନା, ପାରିବନି ଆଉ ।
ପାହାଡ଼ ସନ୍ଧିରେ ଅଲକ୍ଷ୍ୟରେ ଗଜୁରିତ
ରକ୍ତବୀଜଟିଏ ମୁଁ ।

ଜାବୁଡ଼ି ଧରିବ ତ' ?
ପାରିବନି ....
ସୁପ୍ତ ଆଗ୍ନେୟଗିରିର
ଉତ୍ତପ୍ତ ଲାଭାର ଧାରଟିଏ ମୁଁ ।
ତୃଷ୍ଣା ତପୋବନେ ବିଚରିତ
ଆର୍ଦ୍ର ଶ୍ୱାସର ଅବସୋସଟିଏ ମୁଁ ।

ହଁ, ନିର୍ବାସିତ କରିପାର ।
ଇତିହାସ ବହିର ଚିରାପୃଷ୍ଠାରେ
ତଥାପି ରହିଯିବି
ତୁମ ଜ୍ୟାମିତିର ପରିଧି ଭିତରେ
ଶୂନ୍ୟତାର ଉପାପାଦ୍ୟ ହୋଇ
ତୁମ ନିଷିଦ୍ଧ ଇଲାକାରେ
ଘନୀଭୂତ ଲଘୁଚାପଟିଏ ହୋଇ ।
ପାରିବ ତ ?

ଧର୍ମଗଡ଼,
କଳାହାଣ୍ଡି



# ଅବସୋସ

କଳ୍ପନା ମିଶ୍ର

ତୁମେ ଆଉ ଫେରିବନି
ଏକଥା ଜାଣିଛି
ସ୍ମୃତି ସିକ୍ତ ସ୍ୱାକ୍ଷରକୁ
ଲୁଚାଇ ପଡୁଛି ।

ଅବୁଝା ମନଟା ମୋ'ର
ଶାନ୍ତ ହୁଏ ନାହିଁ
କେଉଁ ପ୍ରବୋଧନା ଦେବି
ଜାଣିପାରୁନାହିଁ ।

ତୁମେ ଥିଲ ଅନ୍ତାକ୍ଷରୀ
ବିଶ୍ୱାସର ବାର୍ତ୍ତା
ଲୋତକରେ ଚକ୍ଷୁ ମୋ'ର
ହୁଏ ସଦା ସ୍ନାତା ।

ନିର୍ବେଦ ମୁଁ ନିର୍ବିକାର
କୁହୁକ ରଜନୀ
କଳ୍ପନାର ନଦୀ ମୋର
ହୁଏ ସ୍ରୋତସ୍ୱିନୀ ।

କଳଙ୍କର ଜ୍ୱଳନରେ
ମନ ମୋ' ଆବିଷ୍ଟ
କିଏ ବା ବୁଝିବ କୁହ
ହୃଦୟର କଷ୍ଟ ।

ମାଗିଥିଲି ଫଗୁଣର
ଟିକେ ଫାଜିଲାମୀ
ଗ୍ରୀଷ୍ମର ଦହନ ଦେଲ
ହେଲି ବଦନାମୀ ।

ଅବସୋସ ରହିଗଲା
ଯାହା ଏ ଜନମେ
ଛଳନାର ବିଷ ଦେଲ
ମୋ' ଅମୃତ ପ୍ରେମେ ।

ହରିପୁର, ସୁକିନ୍ଦା,
ଯାଜପୁର

# ଅବସୋସ

ବିଶ୍ୱନାଥ କର

ସ୍ୱପ୍ନ ସରିନାହିଁ ପାହିଗଲା ରାତି
ଅଧୁରା ରହିଲା ନୀଳ ଜହ୍ନର ନୂଆ ଆବେଗର ଡାକ
ସାଇବେରିଆର ପକ୍ଷୀମାନେ ଉଡ଼ିଗଲେ କାହିଁ
ଲିଭିଗଲା ଫଗୁଣ ଫୁଲେଇ ହସ
ଛାଡ଼ିଦେଇ ଅବସୋସ ଖାଲି ଅବସୋସ ।

ବଗିଚା ସାରା ଖାଲି ଜଳୁଛି ଝାଞ୍ଜିରେ
ଝଡ଼ାଫୁଲ ପାଖୁଡାରେ ଆଉ ଦିଶୁନାହିଁ ତମ ନାଆଁ
ଝୁରି ଝୁରି ତମ ହାତର ସୁବର୍ଣ୍ଣ ସ୍ପର୍ଶ
ଲିଭେଇ ପାରୁନି ତମ ଗୋଲାପି ଓଠର ଶୀତଳ ଛୁଆଁ
ନିରେଖି ଦେଖୁଛି ଆମ୍ରକୁଞ୍ଜ ଖୋଜି ମଧୁର କୁହୁର ଶୋଷ
ସବୁତ ହଜିଛି ସବୁତ ଲିଭିଛି
ମୋ ଛାତି ତଳେ ଛାଡି ଜଳନ୍ତା ଅଙ୍ଗାର
ଫଗୁଣ ରାତିର ଶୋଷ
ମୋ' ରାତି ସବୁ ଏବେ ଉଜାଗରେ କଟେ
ରହିଗଲା ସବୁ ଅଧୁରା ଆବେଗ
ମନ ତଳେ ଭରି ଭାରିଭାରି ଅବସୋସ

ତମେ ଯେ ଆସିବ ନାହିଁ ଏଇ ଆଶା
ଫଗୁଣ ଦୋଳାରେ ଝୁଲି ଅବିର ଦେହର ବୋଳି
ତମେ ଯେ ଛୁଇଁବ ସଞ୍ଚର ନୂଆ ରୂପ
ତମେ ଯେ କହିବ
ଏଇତ ଆସିଲି ପରୀ ରାଇଜରୁ ଫେରି
ମୃଦୁ୍ୟ ମଳୟକୁ ଚୋରି
ଏ ଆଶାତ ନାହିଁ ଆଉ
ତଥାପି କାହିଁକି ମନ ବୁଝେ ନାହିଁ
ରହିଯାଏ ଅବସୋସ
କେମିତିକି କିଏ କହିଯାଏ ଧିରେ ଭୁଲିଯାଅ ସବୁ
ସ୍ୱପ୍ନର କାହାଣୀ ପରି
ତମ ପ୍ରେମ ତ ନିରୋଳା ବିଷ
ସ୍ୱପ୍ନ ଦେଖାଏ  ପୁଣି ହଜିଯାଏ
ତମ ଚାରିପାଖେ ଭରି ଅବସୋସ ଖାଲି ଅବସୋସ ।

ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ



# ଅବସୋସ

## ଜ୍ୟୋତିପ୍ରଭା ପଟ୍ଟନାୟକ

ଅବସୋସ ଏପରି ଏକ ଶବ୍ଦ
ମଣିଷ ମନକୁ କରିଦିଏ ସ୍ତବ୍ଧ
ଆଶା ଯେବେ ମରିମରି ଯାଏ
ଅବସୋସ ଜନ୍ମ ନେଇଥାଏ
କିଏ ଚାହେଁ ଧନ, ଜନ, ମାନ
କିଏ ଚାହେଁ ବିଦ୍ୟା, ବୁଦ୍ଧି, ଜ୍ଞାନ
କାହାର ପ୍ରତିଷ୍ଠା ଲୋଡ଼ା
ନ ପାଇଲେ ଅବସୋସରେ
କଟଇ ଜୀବନ

ଦାରିଦ୍ର୍ୟର କଷାଘାତ
ଗଢ଼ିଥିବା ଆଶାର ସଉଧ
ନିଜ ରକ୍ତର ସନ୍ତାନ
ଯେବେ କରେ ଅସମ୍ମାନ
ମନରେ ଗ୍ଲାନି ଅବସୋସ
ହାରିଯାଏ ଜୀବନ ଯୁଦ୍ଧରେ
ମରିଯାଏ ଜୀବନର ଅବଶିଷ୍ଟ
ଯେତେକ ଆୟୁଷ

ନିଃସନ୍ତାନ ନାରୀ କୋଳେ
ଯେବେ ନ ଖେଳେ ସନ୍ତାନ
କଟୁ କଥା ଶୁଣିଶୁଣି
ତିକ୍ତତାରେ ଶିକ୍ତ ହୃଦ ମନ
ମନରେ ଅବସୋସ, ଅସନ୍ତୋଷ
ମରଣଠୁ ବଳିଯାଏ
ନାହିଁ ଯନ୍ତ୍ରଣାର ଶେଷ

କବି ହେଉ ବା ହେଉ ସାହିତ୍ୟିକ
ସାହିତ୍ୟ ସଭାକୁ ଆସେ
ସାହିତ୍ୟର ଜଣେ ଉପାସକ
ଜାଣତରେ ବା ଅଜାଣତରେ
ଆୟୋଜକ
ପାଳି, ତାଳି, ଗାଳି
ହତାଶା ଭାବ ହୁଅଇ ଉଦ୍ରେକ
ହୃଦୟରେ ପୁଞ୍ଜିଭୁତ
ଅବସୋସ

ବିଫଳତା ଆଣିଦିଏ ଜୀବନରେ
ନିଶ୍ଚେ ସଫଳତା
ଆଜିକାର ସଭ୍ୟ ଶିକ୍ଷିତ ସମାଜେ
ଗ୍ରାସିଛି ଉଗ୍ର ଆଧୁନିକତା
ପରୀକ୍ଷାର ଚାପ, ପରିବାରର ସନ୍ତାପ
ଯୌବନର ଲୋଭନୀୟ ରୂପ
ଦିଅନ୍ତି ଅବ୍ୟକ୍ତ ଅସହ୍ୟ ଯନ୍ତ୍ରଣା
ଅବସାଦ, ଅସନ୍ତୋଷ

ସମୟ ଅଭାବ କରିବାକୁ ଅନୁତାପ
ଶେଷରେ ମନର ଅବସୋସ
ସଂକଳ୍ପର କଥା, ବ୍ୟଥାର ରୂପନିଏ
ଅନ୍ୟ ଏକ ବିକଳ୍ପ
ଅବସୋସ
ମନର ଏକ ଦୁର୍ବଳ ଭାବନା

ଦୁଃଖର ବିନାଶ ହୁଏ
ବିନାଶ ହୋଇଲେ କାମନା
ଅଳ୍ପରେ ଯେ ଜନ ସନ୍ତୁଷ୍ଟ
ଆସୁ ଯେତେ ବାଧା ବିଘ୍ନ
ନ ଲାଗଇ କଷ୍ଟ
ମହତ ଯେ ଜନ
ଅବସୋସ ନ ଥାଏ ତା' ମନ
କାରଣ ଈଶ୍ୱର ସର୍ବ ଶକ୍ତିମାନ
ସମାଜକୁ ଦିଅନ୍ତି ନୂତନ
ଦିଗଦର୍ଶନ

ଖୋର୍ଦ୍ଧା

# ଅବସୋସ

ନଳିନୀ ପ୍ରଭା ମିଶ୍ର

ଅବସୋସ ଭରା ସଦା ଏ
ଜୀବନ ପରିତାପ, ପଶ୍ଚାତାପ
ଅପୂର୍ଣ୍ଣ କାମନା ଆଣି ଥାଏ
ଦୁଃଖ ଅଭିଳାଷ ଅଭିପ୍ରେତ।
ଲକ୍ଷ୍ୟ ପଥେ ଗତି କରୁକରୁ
ଯେବେ ଅସଫଳତାର ଦେଖା
ଭାଗ୍ୟ ହୀନ ହୋଇ ବଞ୍ଚିବା ମରିବା
ସମାନ ଜୀବନ ରେଖା।
ମିଳନ ବିଚ୍ଛେଦ ହେବାପରେ
ଆସେ ମାନସିକ ଅବସାଦ
ଅବସୋସ ଭରା ହୃଦୟ ତନ୍ତ୍ରୀରେ
ଛିନ୍ନ ବୀଣାର ଖେଦ।
ଅଭିଳିପ୍ସାର କୁଠାରାଘାତରେ
ଅବସୋସ ହୁଏ ଜାତ
ନିଷ୍ଠୁର ନିୟତ ଜର୍ଜରିତ ପ୍ରାଣ
ଆଣେ ଜ୍ୱଳନ୍ତ ଦୃଷ୍ଟାନ୍ତ।
ପରିପୂର୍ଣ୍ଣ ତା'ର ଭିତରେ ନିହିତ
ମୁଠାଏ ଶୂନ୍ୟତା ଥାଇ
ସୁଖର ଭିତରେ ଅନ୍ତରାଳେ ଦୁଃଖ
ନୀରବରେ ହସୁଥାଇ।
ଅବସୋସ କେବେ ରଖନା ମନରେ
ଅସନ୍ତୋଷ ଭରା ମନ
ଅଳ୍ପ ସନ୍ତୋଷରେ ସର୍ବ ସୁଖ
ମିଳେ ମଙ୍ଗଳ ହୁଏ ବିଧାନ।

ମୁକୁନ୍ଦପୁର, ଆସ୍କା,
ଗଞ୍ଜାମ



# ଅବସୋସ

**ଅଲକା ଦାସ**

ଜୀବନଟା ଅଟେ ଖାଲି ଲୁହ ଆଉ ହସ
ଆଉ ଯାହା ରହିଗଲା ସବୁ ଅବସୋସ ।
ମଣିଷର ଜନ୍ମରୁ ଯୁଇକାଠ ଯାଏଁ
କେତେବେଳେ ଆଶା ଅସୁମାରୀ ଉଙ୍କି ମାରୁଥାଏ,
କେତେ ପୂର୍ଣ୍ଣ ହୁଏ ପୁଣି କେତେ ଯେ ନହୁଏ ।
ସତରେ ମଣିଷ କଣ ସବୁ ପାଇଥାଏ?
ନ ପାଇବା ଜିନିଷଟା ରହେ ଅବସୋସ..

ସତ୍ୟଯୁଗେ ରାଜା ଥିଲେ ହିରଣ୍ୟକଶ୍ୟପ
ଶିବଭକ୍ତ ପୁଅ ପାଇଁ କରୁଥିଲେ ତପ
ବିଷ୍ଣୁଭକ୍ତ ପୁଅ ତା'ର ହୋଇଲେ ପ୍ରହ୍ଲାଦ,
ସେଥିପାଇଁ ପ୍ରଭୁ ହସ୍ତେ ମରିଲା ଜଲ୍ଲାଦ ।
ଏ କି ନୁହେଁ ତା'ର ଜୀବନର ଅବସୋସ...

ତ୍ରେତୟାରେ ସ୍ୱର୍ଣ୍ଣ ଲଙ୍କା ରାଜା ଦଶାନନ
ସରଗକୁ ଶିଢ଼ି ପାଇଁ କରିଥିଲା ପଣ,
ଗର୍ବ ଅହଂକାର ପାଇଁ ହୋଇଲା ପତନ
ଶେଷେ ଶ୍ରୀରାମଙ୍କ ହସ୍ତେ ହୋଇଲା ନିଧନ।
ଏ ତ' ଅଟଇ ତା'ର ଜୀବନର ଅବସୋସ...

ଶୋଷ ଆଉ ଅବସୋସ ଏ ଦୁଇ ଭଉଣୀ,
ଏଥିପାଇଁ କଳିଯୁଗେ ଅନେକ କାହାଣୀ।
ମନେପଡେ "ବୁଦ୍ଧ"ଙ୍କର ଅମର ସନ୍ଦେଶ
କାମନାର ବିନାଶରେ ଦୁଃଖର ବିନାଶ।
କାମନା ନଥିଲେ ବୋଧେ ନାହିଁ ଅବସୋସ....

# ଅବସୋସ

ବନ୍ଦନା ମହାପାତ୍ର

ଜୀବନ ସ୍ରୋତରେ ଭାସୁଥିଲି ମନେ
ସପନ ବଣିକ ହୋଇ
ବାହିବି ସୁନାର ସଂସାର ନଉକା
ସୁଖୀ ନାଉରିଆ ମୁହିଁ |
ଶିଶୁ ଯଉବନ ଘର ସଂସାରେ
ବୁଡ଼ି ବୁଡ଼ି ଖଟି ମଲି
ଦେଖୁଥିବା ସ୍ୱପ୍ନ ହେଲା ଅସମ୍ପୂର୍ଣ
ଅବସୋସରେ ଭିଜିଲି |
କନ୍ୟାରୁ ଭଗିନୀ ପତ୍ନୀରୁ ମାଆଟେ
ଚଢ଼ିଲି ଶିଢ଼ି ଉପର
ସର୍ବ ସ୍ଥାନେ ନିନ୍ଦା ଘୃଣା ନିର୍ଯ୍ୟାତନା
ପ୍ରାଣଟା ହେଲା ଜହର |
କେଉଁ କୃତ୍ୟ ବଳେ ମାନବ ଜନମ
ଧରିତ୍ରୀ ବକ୍ଷରେ ମୁହିଁ
ଲୁହ ଲହୁ ତାଳେ ଜୀବନ ନାଡ଼ୀଟା
କ୍ଷଣକେ ଯିବ ଉଭେଇ |
କେବଳ ପ୍ରାର୍ଥନା ପତିତପାବନ
ସବୁ କଷ୍ଟ ମୁଁ ସହିଛି
ଅବସୋସ ମୋର ରଖିବନି ପ୍ରଭୁ
ନିଜକୁ ସମର୍ପିଛି ।

# ଅବସୋସ

ଯମୁନା ମହାପାତ୍ର ମିଶ୍ର

ଅବସୋସ ମୋ'ର ଭାଷାକୁ
ମିଳିଲାନି ମାନ୍ୟତା
ଉତ୍କଳ କୋଶଳ ଭଗିନୀ ଦୁଇ
ଦୁହେଁ ଆମର ମାତା।।
ଜନ୍ମ ହେଲା ମାତ୍ରେ ମାଆଠାରୁ
ଶୁଣୁ ପ୍ରଥମ ଭାଷା।
ମାଆଙ୍କର ବୋଲି ମଧୁର
କିସେ ମହୁ ବରଷା।।

ଅବସୋସ କିଛି ମନରେ
ଜୀବନ ସାଥୀ ପାଇଁ।
ସାଙ୍ଗ ହୋଇ ତୀର୍ଥ ଭ୍ରମଣ
ହୋଇ ପାରିଲା ନାହିଁ।।
କାଳବଶ ଏଇ ଜଗତ ଅଟଇ
ନୁହେଁ ଆୟତ୍ତ ଆମର।
ସବୁ କଥା ଜାଣୁଛନ୍ତି ତ
ମହାପ୍ରଭୁ ପରାତ୍ପର।।

ଅବସୋସ ଆସେ ମନରେ
ଆଉ ପଢ଼ିଲି ନାହିଁ।
ଉଚ୍ଚଶିକ୍ଷା ପ୍ରାପ୍ତି ବଞ୍ଚିତ ହୋଇ
ଗଳିତ ଜୀବନେ ରହି।।
ସମାପ୍ତି ତ ନାହିଁ ଶିକ୍ଷାର
ଏ ଜୀବନ ବ୍ୟାପି କ୍ରୀୟା।
ପଢିବି ଲେଖିବି ଶୁଣିବି
ଚାଲି ଥିବଟି ଏହା।।

ପୁତ୍ର ରୂପେ ତୋତେ ମନାସି
ହେ ମାଧବ ଗୋବିନ୍ଦ।
ଅବସୋସ ମୋର ନାହିଁ ତ
ମନେ ଆସେ ଆନନ୍ଦ।।
ଅବସୋସ ମୋର ନ ରହୁ
ଜୀବନରେ ହେ ସାଇଁ!
ଜୀବ ସରିଯାଉ କାଳ କଟିଯାଉ
ଚରଣ ପଙ୍କଜ ଧ୍ୟାଇ।।

ତରଭା, ସୁବର୍ଣ୍ଣପୁର

# କାହିଁକି ଏ ଅବସୋସ

ଆରତୀ ପ୍ରହରାଜ



ଦୁଃଖ ଭରା ଗଣ୍ଡିଲିର ଶବ୍ଦଟିଏ ଅବସୋସ
ସବୁରି ଜୀବନେ ସବୁରି ଆନନେ
ଫୁଲି ଫୁଲି ରହିଥାଏ ମଉନେ ମଉନେ
ଅବସୋସ ଆସେ ଆମ ମନେ
କିଛି ଆପଣାର ହେଇଗଲେ ଅବା ନ ହୋଇ ପାରିଲେ
ଘାରିହୁଏ ତନୁମନ
କେଉଁ କଥାରେ ବେଶି ଅବସୋସ
ହେବାର କି ନ ହେବାର
କା'ପାଇଁ ହସିବାର, ଖୁସି ହେବାର ନା କାନ୍ଦିବାର
ପାଇବାର ନା ହଜେଇବାର
ସ୍ୱପ୍ନ ଦେଖିବାର କି ନ ଦେଖିବାର
କେଉଁ ଲୁହରେ ଅବସୋସ
ଆତ୍ମଗ୍ଲାନିରେ ନା ଆତ୍ମତୃପ୍ତିରେ
କାଉଁରୀ କାଠି ନୁହେଁ ଯେ ଛୁଇଁ ଦେଲେ ଚାଲିଯିବ
ମୁଁ ତୋତେ ଭୁଲିଯିବି ତୁ ବି ମୋତେ ଭୁଲିଯାଆ
କେତେ ସହଜ ଏ କଥା
ଅବସୋସ ହେଉଅଛି ହେଉଥିବ ଶେଷଯାଏ
ମନ ମରିବା ଯାଏଁ ଜୁଇ ଜଳିବା ଯାଏ।

ଭୁବନେଶ୍ୱର

# ଅବସୋସ

**ଲୋକନାଥ ମିଶ୍ର (ଭରଦ୍ୱାଜ)**

ଅବସୋସ ଖାଲି ଅବସୋସ
ଜୀବନଟା ସାରା ଭରା ମୋ'ର ଖାଲି ଅବସୋସ ।
ଖୋଜୁଛି କେତେ ମୁଁ, ଦିଏନି ତ କେହି
ଦଗ୍ଧ ଏ ପ୍ରାଣେ ଆଶ୍ୱାସ
ମାରେ ଖାଲି ଦୀର୍ଘ ନିଶ୍ୱାସ
ଅବସୋସ ଖାଲି ଅବସୋସ
ନିର୍ଜନେ କେତେ ଅଂଗନେ,
ମଧୁର ସଂଜ ଲଗନେ
କରୁଛି ପ୍ରତୀକ୍ଷା ପାଏନି ତ କେବେ
କାହାର କୋମଳ ପରଶ
ଲାଗେ ଖାଲି ସଦା ନିରସ
ଅବସୋସ ଖାଲି ଅବସୋସ
ରୂପର ପସରା ମେଲାଇ
ଆଶାର ସଉଧ ତୋଲାଇ
ଆସିଛନ୍ତି ମୋର ମନ ଉପବନେ
କେ କେତେ ଛୁଟାଇ ସୁବାସ
ଦେବା ପାଇଁ ମନେ ପରାଶ
ଅବସୋସ ଖାଲି ଅବସୋସ
କେତେ ମୁଁ କା ପାଇଁ ଝୁରୁଛି
ନୟନ ଲୋତକେ ପୁରୁଛି
ଭରୁନି କେମନେ ଆଶା ଆଶ୍ୱାସନା
କରୁନି କେ ପ୍ରାଣ ସରସ
ହୁଏ ଖାଲି ମନ ବିରସ
ଅବସୋସ ଖାଲି ଅବସୋସ
ଆଜି, ଅଳୀକ ଏ ମୋର ଭାବନା
ବୃଥା ହୁଏ ଖାଲି ବିମନା
ଦୁଃଖେ ବିତାଏ ଦିବସ ରଜନୀ
ନାହିଁ ମନେ ଶାନ୍ତି ସନ୍ତୋଷ
ମନେ ଜାଗେ ଖାଲି,
ଅବସୋସ ଆଉ ଅବସୋସ ।

ମାଟିର କବି,
ଓଡଗାଁ, ନୟାଗଡ଼



# ଅବସୋସ

**ଆରତୀ ମଞ୍ଜରୀ ଦାଶ**

ଅବସୋସ,
ବୋଧହୁଏ ସେ
ନିର୍ଜୀବ ଏକ ଜାନ୍ତବ
ଚେତନାର କଲ୍ମଷ
ଅଧର୍ମ ଅର୍ଜିତ ପାପ ।
ସେ ଇମିତି ଏକ
ମଧୁର ପାନୀୟ
ଗଳସ୍ଥ ହେଲା ପରେ
ଯାଇ ଜଣାପଡ଼େ ଗରଳ
ନୁହେଁ ପୀୟୂଷ ।
ସହସା ବିଦଧୀତ କ୍ରିୟାର
ପ୍ରତିଫଳନ ମନେହୁଏ
ଅବସୋସ
ତା'ଠାରୁ ବଳି ନିଗ୍ରହ
ହୁଏତ ଆଉ ନାହିଁ ।

ଅତୃପ୍ତ ଉଚ୍ଚ ଆକାଂକ୍ଷାର
ଅସଫଳତାର ଦହନ
ଗଭୀର ମାନସିକ ଉଦ୍ବେଳନ
ଗୁରୁଜନମାନଙ୍କ ବାକ୍ୟର
ଅବମାନନାର ନିରବ ଅଭିସମ୍ପାତ ।
ପାରିପାର୍ଶ୍ୱିକ ସ୍ଥିତି ଅନୁଭୂତିର
ତୀବ୍ରତାରୁ ଜାତ ବିଶୃଙ୍ଖଳିତ
ଆଚରଣର ଦାରୁଣ ଫଳ ।
ଅବଚେତନ ମନର
ପ୍ରାଦୁର୍ଭାବରୁ ଉଦ୍ଭବ
ଉଦ୍ଭଟ କାର୍ଯ୍ୟଶୈଳୀର
ପରିଣତି ତ ଅନୁଶୋଚନା ।
ଜୀବନର ଅସ୍ତ ପର୍ଯ୍ୟାୟରେ
ସାରା ଜୀବନର କର୍ମଫଳର
ଭୋଗାବଶେଷ ଭୀଷଣ
ଅନ୍ତର୍ଦାହ ହୁଏତ ଅବସୋସ ।

**ଗୁରୁଜଙ୍ଗ,**
**ଖୋର୍ଦ୍ଧା**

# ଅବସୋସ

**ସଂଯୁକ୍ତା ଚଂପତିରାୟ**

ଅବସୋସ ମୋର ରହିଗଲା ପ୍ରଭୁ
ହୋଇପାରିଲିନି ଫୁଲଟେ
ତୁମ ହୃଦୟରେ ଝୁଲି ରହିଥାନ୍ତି
କରିଥାନ୍ତା କେହି ମାଳଟେ।
ଅବସୋସ ମୋର ରହିଗଲା ସତେ
ହୋଇଥାନ୍ତି ଖଣ୍ଡେ ଚନ୍ଦନ
ତୁମ ଦେହେ ଲାଗି ବାସିଥାନ୍ତି ମୁହିଁ
କିଣିଥାନ୍ତି ତୁମରି ମନ।
ଅବସୋସ ମୋର ରହିଗଲା ପ୍ରଭୁ
ହୋଇଥାନ୍ତି ଖଣ୍ଡେ ପଥର
ବାଇଶି ପାହାଚେ ପଡିଥାନ୍ତି ମୁହିଁ
ପଦତଳେ ତୁମ ଭକ୍ତର ।
ଅବସୋସ ମୋର ରହିଗଲା ସତେ
ଧୂଳିକଣାଟେ ହୋଇଥାନ୍ତି
ଶରଧାବାଲିରେ ପଡି ମୁଁ ରହନ୍ତି
ରଥଚକ ତଳେ ଲାଗନ୍ତି।
ଅବସୋସ ମୋର ରହିଗଲା ମୁହିଁ
ହୋଇଥାନ୍ତି ଗୋଟେ ବିହଙ୍ଗ
ଉଡ଼ିଉଡ଼ି ଯାଇ ପହଞ୍ଚିଥାନ୍ତି ମୁଁ
ଶିରୀ କ୍ଷେତ୍ର ଧାମରେ ଆଗ।
ଶେଷ ଅବସୋସ ରଖି ଦିଅ ପ୍ରଭୁ
ଆଶ୍ରା ଦିଅ ତବ ଚରଣ
ଜୀବନ ମୋହର ହୋଇବ ସାର୍ଥକ
ସବୁ ଆଶା ହେବ ପୂରଣ।

ଜଙ୍କିଆ,
ଖୋର୍ଦ୍ଧା

# ଅବସୋସ



**ବାସନ୍ତୀ ଦେଈ**

ଜୀବନ ଗଣିତ   କେବେ ତ ସରଳ
କେବେ ହୁଅଇ ଜଟିଳ
ମିଶାଣ ଫେଡ଼ାଣ   ଗୁଣନ ହରଣ
ଚାରି ସୂତ୍ର ସମାହାର
ମୂଳମନ୍ତ୍ର ଜୀବନର
କେବେ ମିଶେଇବ କେବେ ତ ଫେଡ଼ିବ
ହୃଦୟେ ସଯତ୍ନ କର ।୧।

ଦୁଃଖରେ କାତର   ଆନନ୍ଦେ ବିଭୋର
ବିପଦରେ ଧୈର୍ଯ୍ୟହରା
ହାରିବା ଜିତିବା   ଜୀବନ ଖେଳରେ
ଆଶା ନୈରାଶ୍ୟର ଭେଳା
ଜୀବନର ଦୋଛକିରେ
ସମାଧାନ ସୂତ୍ର   ଖୋଜିପାଏ ନାହିଁ
ପାଏନା କୂଳ କିନାରା।୨।

ସଫଳ ଜୀବନେ   ତୃପ୍ତି ଓ ଆନନ୍ଦ
ଅସଫଳେ ଅବସୋସ
ଅବସୋସରୁ ତ   ଜନ୍ମ ଅବସାଦ
ବଞ୍ଚିବା ଲାଗେ ଦୁଃଖଦ
ବଦଳେ ଜୀବନ ଚିତ୍ର
ବୁଦ୍ଧି ଓ ବିବେକ   ଭ୍ରଷ୍ଟ ହୋଇଯାଏ
ପାଏନା ବଞ୍ଚିବା ସୂତ୍ର।୩।

ଦୁଃଖ ଅବସୋସେ   ହରାଏ ମନୁଷ୍ୟ
ମାନସିକ ଭାରସାମ୍ୟ
ବିପରୀତ ପନ୍ଥା   ଆଦରି ନିଏ ସେ
ଆତ୍ମହତ୍ୟା କରେ କାମ୍ୟ
ମନ୍ଦବୁଦ୍ଧିରେ ପାପିଷ୍ଠ
ଏଇ ଦୁନିଆରୁ   ସେଇ ଦୁନିଆକୁ
ମଣିଥାଏ ସିଏ ଶ୍ରେଷ୍ଠ ।୪।

ହେ ମୂଢ଼ ପାମର   ହେତୁ ଜ୍ଞାନକର
ମନୁଷ୍ୟ ଜନ୍ମ ଦୁର୍ଲଭ
ସମସ୍ୟା ଅଛି ତ   ସମାଧାନ ଅଛି
ଏକଥା କର ବିବେକ
ଧ୍ୟାନ କର ପ୍ରଭୁ ପାଦ
ଅଜ୍ଞାନ ହଟିବ   ଆଲୋକ ଦିଶିବ
ଘୁଞ୍ଚିଯିବ ପରମାଦ।୫।

ଦୁଃଖ ସମୟରେ   ବିପଦ ବେଳରେ
ଧୈର୍ଯ୍ୟ ହରାଇ ଦିଅନା
ଈଶ୍ୱର ବିଶ୍ୱାସ   ଦୃଢ଼ମନ ଆଉ
ସକରାତ୍ମକ ଭାବନା
ହୃଦୟେ କରିବ ଘେନା
ପ୍ରଭୁ କୃପା ହେବ   ଅଇରି ନାଶିବ
ଉଡ଼ିବ ବିଜୟ ବାନା।୬।

ଚିନ୍ତ ସତ୍ ମାର୍ଗ   ହୁଅ ସତ୍ ମାର୍ଗୀ
ବଞ୍ଚିବା ସହଜ ହେବ
ଆଶାର ସଉଧ   ଗଢ଼ିବା ସମ୍ଭବ
ସଫଳତା ପ୍ରାପ୍ତ ହେବ
ଦୁର୍ଭାବନା ନ ଆସିବ
ଜୀବନ ବଞ୍ଚିବା   ସୂତ୍ର ମିଳିଯିବ
ଅବସୋସ ନ ରହିବ।୭।

ଖୋର୍ଦ୍ଧା



# ଅବସୋସ

**ନଳିନୀ ପ୍ରଭା ଦାସ**

ମାତୃଗର୍ଭୁ ପ୍ରାଣ ମୋର ହୁଏ ଆକୁଳିତ
ନିରାକାର ବ୍ରହ୍ମ ସଙ୍ଗେ ହେବାପାଇଁ ଭେଟ
ବିଜନ ବେଳାରେ ଦର୍ଶନ ଦିଅ ହୃଷୀକେଶ
ନ ହେଲେ ଜୀବନେ ରହିଯିବ ଅବସୋସ ।

ପାଞ୍ଚ ମନ ପାଞ୍ଚଗୁଣ ପ୍ରକୃତିର ଦେହ
କାମାଦି ଷଡରିପୁ କ୍ରୋଧ ଲୋଭ ମୋହ
ତଥାପି ରଖିଛି ଆଶା ଆସିବେ ମୋ' ଈଶ
ନ ହେଲେ ଜୀବନେ ରହିଯିବ ଅବସୋସ ।

ଏକାଗ୍ରତା ଆସେନାହିଁ ଅସ୍ଥିର ତନ ମନ
ନୀରବ ଅନ୍ତରେ ଖୋଜେ ନୀତି ନିଶି ଦିନ
ଭରସା କରିଛି ପାଦେ ରଖିଛି ବିଶ୍ୱାସ
ଦର୍ଶନ ନ ହେଲେ ରହିଯିବ ଅବସୋସ ।

ମାତୃଗର୍ଭୁ ଭୂମିଷ୍ଠ ଯେ ମାୟାର ସଂସାର
ବାଲୁତ କଟିଲା ପ୍ରଭୁ ନିଷ୍ପାପ ବୟସ
ଯୁବା କୈଶୋରେ ଘାରି ଦେଲା ମାୟା ମୋହ
ଲୋଭ ଆଶା ଲାଳସାରେ ଅବସୋସ କୋହ ।

ଫଳେଚ୍ଛା ନ କରି କର୍ମ କର ନିର୍ଲୋଭରେ
ମାୟାଶୂନ୍ୟ ହୃଦୟରେ ଭଲ ପାଅ ନରେ
ଅବସାଦ ଖେଦ ତ୍ୟଜି ହୃଦେ ସେବାଭାବ ଭର
ଅବସୋସ ନ ରହିବ ଜୀବନେ ତୁମର ॥

**ସରକାରୀ ଉଚ୍ଚ ବିଦ୍ୟାଳୟ, ପଣ୍ଡିଗାଁ,**
**କଳମପୁର, କଳାହାଣ୍ଡି**

# ଅବସୋସ

ସୀମା ମେହେର

ବସ୍ତାନି ବୋଝ ବୋହି ବୋହି
ପିଲାବେଳ ସବୁ କଟିଗଲା ।
କର୍ମ ସଂସ୍ଥାନରେ ସଂଘର୍ଷ କରି
ଯୁବାବେଳ ସବୁ ବିତିଗଲା।

ଏହା କି ଅବସୋସ ?

ସଂସାରିକ ଜୀବନେ ବାନ୍ଧି ହୋଇ
ସାରା ଜୀବନ କଟିଗଲା ।
ଜୀବନ ଜଞ୍ଜାଳେ ଛନ୍ଦି ହୋଇ
ସମୟ ବ୍ୟର୍ଥ ହେଇଗଲା ।।

ଏହା କି ଅବସୋସ ?

ସକାଳ ସ୍ବପ୍ନରେ ବିଭୋର ହୋଇ
ତାରା ଭରା ରାତି ବିତିଗଲା।
ବିଜୁଳି ଆଲୁଅରେ ହଜିଯାଇ
ଖଦ୍ୟୋତକୁ ହଜେଇ ଦେଲା ।।

ଝିପି ଝିପି ବରଷାରେ ଭିଜିବା
ସେ ଆନନ୍ଦ କେଉଁଠି ହଜିଗଲା ।
ଶୀତ ଋତୁରେ ବେପରୁଆ ହେଇ
କାକର ସକାଳ ଖେଳ ରହିଗଲା ।।

ଏହା କି ଅବସୋସ ।

ମନ କହେ ମତେ...

ଏହା ହି ଅବସୋସ ।
ଏହା ହି ଅବସୋସ ।।

ବରଗଡ଼



# ଅବସୋସ

**ମଧୁଛନ୍ଦା ଦାଶ**

ଅବସୋସ ଭରା ମାନବ ଜୀବନେ
ଦେଖେ କେତେ ମିଠା ସପନ
ରାତ୍ରି ସରିଯାଏ ନିଦ୍ରା ଭାଜି ଯାଏ
କରଇ ଅରଣ୍ୟ ରୋଦନ ।

ସୁବର୍ଣ୍ଣ ସୁଯୋଗ ହାତଛଡ଼ା କଲେ
ମନେ ଭରିଦିଏ ଅବସୋସ:
ଆଶା ବୈତରଣୀ ଅପୂର୍ଣ୍ଣ ରହିଲେ
ସୁଖ ହୋଇ ଯାଏ ନିଃଶେଷ

ଲକ୍ଷ ପ୍ରାପ୍ତି ଲାଗି ମାନବ ମନରେ
ରହିଥାଏ ସଦା ଅଭିଳାଷ
ସେଥିରୁ ବିଚ୍ୟୁତ ହୋଇଲେ ସତତ
ଅବସୋସ ଖାଲି ଅବସୋସ ।

ଅସଫଳତା ଓ ଅସନ୍ତୋଷରୁ
ଜନ୍ମ ନିଏ ଅବସୋସ
କାମନା ବିନାଶେ ଦୁଃଖର ବିନାଶ
ସନ୍ଦେହର ନାହିଁ ଅବକାଶ ।

ଆଶା ନିରାଶାର ଦୋଛକିରେ ବନ୍ଧା
ଜୀବନର ପ୍ରତିଟି କ୍ଷଣ
ଅସଫଳ ପ୍ରେମ ଆଣେ ଅବସୋସ
ସନ୍ତାପିତ ମନ ପ୍ରାଣ

ମିଳନ ବିଛେଦ ହର୍ଷ ଅବସାଦ
ହସ ଲୁହ ଭରା ଜୀବନ
ଜୀଇଁବାର କଳା, ଶିଖି ଅଛି ଯିଏ
ଜୀବନେ ତାହାର
ଅବସୋସର ଯେ ନାହିଁ ସ୍ଥାନ ।।

# ଅବସୋସ

## ସ୍ୱର୍ଣ୍ଣଲତା ପତି

ଯନ୍ତ୍ରଣାର ଜଉଘରେ
ଜ୍ୱାଳାମୟ ଜୀବନ ନାରୀର
ଜର୍ଜରିତ ଯନ୍ତ୍ରଣା ଦାୟକ !
ତପ୍ତ ମରୁସମ
ଡହ ଡହ ମିଛ ମରୀଚିକା
ପଛେ ଚାଲୁଥାଏ...
ଲୁହ କୋହକୁ ଚାପି
ଅସରନ୍ତି ଦୁଃଖକୁ ଭୁଲାଇ
ମୁହେଁ ରଂଗବୋଳି
ଅଭିନୟ କରେ ,
ମଝିରେ ଆଉଟି ପାଉଟି ହୋଇ
ତ୍ରିଶଙ୍କୁର ଜୀବନ ବିତାଏ ।
ପର ଘରଟାକୁ
ସ୍ୱର୍ଗ କରିବାର ଝୁଙ୍କରେ
ପୁଳା ପୁଳା ଅପବାଦ ସବୁକୁ
ଆବୋରି ନିଏ କାନିପାତି
ଘାଣ୍ଟି ହେଉଥାଏ ନର୍କରେ ।
ବିଚାରି ସାଜି
ଭାଗ୍ୟର ଦୋଷଦିଏ
ପୁଣି  କହି ହେଉଥାଏ
ବୁଡି ରହିଛି ଜଞ୍ଜାଳରେ
ହେଲେ, ହୃଦୟରେ
ଭରି ରଖିଥାଏ
ଥାକ ଥାକ ଅବସୋସ ।

ନନ୍ଦ ନିଲୟ, ବସନ୍ତ ବିହାର,
ଜ୍ୟୋତିବିହାର, ବୁର୍ଲା, ସମ୍ବଲପୁର

# ରହିଗଲା ଅବସୋସ

**ରତ୍ନପ୍ରଭା ବାଇ**

ବାଟ ଚାଲୁଚାଲୁ ହାତ ଛାଡିଦେଲ
ବାଟ ତ ହୋଇନି ଶେଷ
ଆଉ କିଛି ବାଟ ଚାଲିବାକୁ ଥିଲା
ରହିଗଲା ଅବସୋସ ।। ୦ ।।

ତମେ ବିଶ୍ବାସର ବାଡ଼ ଡେଇଁଗଲ
ବଦଳେଇ ଭାଗ୍ୟ ରେଖା
ପରିବର୍ତ୍ତନର ପରାଭବ କେତେ
ଭୋଗୁଛି ମୁଁ ଏକାଏକା
ହୃଦୟେ ବେଦନା ବୋହି ମୁଁ ତଥାପି
ଦେଉନି ତୁମକୁ ଦୋଷ ।। ୧ ।।

ଦୋ ଛକିରେ ଏବେ ଠିଆହୋଇ ଭାବେ
କେଉଁ ବାଟେ ଯିବି ଚାଲି
ଏ ପାଖେ ଉଛୁଳେ ଲୁହ ଭରା ନଈ
ସେ ପାଖରେ ମରୁବାଲି
ଆଗରେ ଦୁଃଖର ଝାଉଁବଣ ମତେ
କରେ କେତେ ଉପହାସ ।। ୨ ।।

ମୁଁ ସବୁ ପ୍ରଶ୍ନର ଖୋଜୁଛି ଉତ୍ତର
ଦେଖୁଛି ଜୀବନ ପୃଷ୍ଠା
ଅତିତ ଆମର କେତେ ଯେ ସୁନ୍ଦର
ସ୍ମୃତି ସବୁ ମିଠା ମିଠା
ଲାଗୁଛି ଯେମିତି ଦୁଃଖ ସୁଖ ଭରା
ଏଇ ଶ୍ରେଷ୍ଠ ଉପନ୍ୟାସ ।। ୩ ।।

**ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,**
**ତାଳଚେର ଟାଉନ, ଅନୁଗୁଳ**

# ଅବସୋସ

ଅଖିଳେଶ ମହାପାତ୍ର

ସମାଜର ନିଛକ ଚିତ୍ରକୁ
କଲେ ଅନୁଧ୍ୟାନ
ଖାଲି ଦୁଃଖ ଆଉ ଦୁଃଖ
ସୁଖର ନାହିଁ ଚିହ୍ନବର୍ଣ୍ଣ
ଆମେ ସମସ୍ତେ ବିକଳ
ନିଜ ସ୍ୱାର୍ଥ ପାଇଁ
ସାଉଁଟିବୁ ଯେତେ ଯାହା
ରହିଛି ସକଳ ||

ତଳେ ତତଲା ବାଲି
ଆଉ ଉପରେ ଜଳନ୍ତା ଆକାଶ
ସ୍ନେହ, ଶ୍ରଦ୍ଧା, ସମ୍ମାନ
କରୁଛି ନିରାଶ
ହିଂସା, ଦ୍ୱେଷ, ମୋହ, ମାୟା
କରେ ସବୁ ଗ୍ରାସ
ଅବସ୍ଥା ଯାହା ହେଲାଣି
ପ୍ରକୃତରେ ସମାଜଟା
ହୋଇବ କି ଧ୍ୱଂସ.....?
ମନରେ ବଡ଼ ଅବସୋସ...... ||

ଗୋବିନ୍ଦପୁର, ବଡବେରଣା,
ଖୋର୍ଦ୍ଧା



# ଅବସୋସ

**ସତ୍ୟନାରାୟଣ ମଲ୍ଲୀକ**

ଭଲ ପାଏ ବୋଲି
ପାରୁନି ମୁଁ ଭୁଲି
ତୁମରି ଓଠର ହସ,
କେମିତି ଭୁଲିବି
କୁହ ମୋତେ ଥରେ
ମୋ' ପ୍ରେମର ବା କି ଦୋଷ ।

ବୁଝିବି ଅବୁଝା
ବୁଝନାହିଁ ଜମା
ହୃଦୟ ନାହିଁ ତୁମର,
ଭୁଲିଗଲା ପରେ
ତୁମରି ସ୍ମୃତିକୁ
କରିଛି ପ୍ରିୟା ନିଜର ।

କେଉଁ ଭୁଲ ଥିଲା
ଭଲ ପାଇବାରେ
ଲିଭିଲା ପ୍ରେମର ଦୀପ,
ତୁମରି ସ୍ମୃତିକୁ
ଛାତିରେ ସାଇତି
ଲେଖୁଛି ବିରହ ଗପ ।

ଭଲ ପାଉଥିଲି
ଭଲ ପାଉଥିବି
ତୁମକୁ ମରିବା ଯାଏ,
ଏ ପ୍ରେମ ମୋହର
ରହିବ ଅମର
ଦୁନିଆରୁ ଯିବା ଯାଏ ।

ଭାବୁଛି ବସି ମୁଁ
ଶୟନେ ସ୍ୱପନେ
ଭାବୁଥିବି ମାସ ବର୍ଷ,
ଭାବିଛି ତୁମକୁ ତୁମେ
ମୋ' ଜୀବନେ
ମୋ' ପ୍ରେମର ଅବସୋସ ॥

**ତୁରିନ୍ତିରା, ବାଲିପାଟଣା,**
**ଖୋର୍ଦ୍ଧା**

# ଅବସୋସ

ନିରଞ୍ଜନ ସାହୁ

ପ୍ରତି ଜୀବନରେ ଭରି ରହିଥାଏ
ନିଶ୍ଚେ କିଛି ଅବସୋସ
ସେହି ଅବସୋସ ଭରି ଦେଇଥାଏ
ଜୀବନେ ଅତୃପ୍ତ ଶୋଷ ।

ମଣିଷ ମନରେ କାମନା, ବାସନା
ଆଶ, ଆକାଂକ୍ଷା ଓ ଇଚ୍ଛା
ନିତିନିତି ନୂଆ ସ୍ୱପ୍ନମାନେ ଆସି
କରନ୍ତି ମଣିଷ ପିଛା
ବିଧାତାର ଏହା ବିଚିତ୍ର ବ୍ୟବସ୍ଥା
ମଣିଷର କିବା ଦୋଷ ।

ଗୋଟିଏ ସପନ ଫଳବତୀ ପରେ
ନୂତନ ସପନ ଦେଖା
ଆଗକୁ ବଢ଼ିବା ଆହୁରି ଲଢ଼ିବା
ଭାଗ୍ୟରେ ନ ଥାଉ ଲେଖା
ସପନଟା ଯଦି ପୂରଣ ନ ହେଲା
ମନରେ ଜନ୍ମଇ ରୋଷ ।

ସବୁ ସ୍ୱପ୍ନ, ସବୁ କାମନା ଭିତରେ
ଏମିତି ବି ଥାଏ କଥା
ଯାହା ତ ନିହାତି ପୂରଣ ହୋଇବା
ମନ ଭାବିଥାଏ ଯଥା
ଯଦି କେବେ ତାହା ପୂରଣ ନ ହୁଏ
ସେ କଥାକୁ ସଦା ଘୋଷ ।

ଅପୂରଣୀୟ  ଆଶା ଆଣିଥାଏ
ଜୀବନରେ ବଡ଼ କଷ୍ଟ
ସେହି କଷ୍ଟ ଅବସୋସ ରୂପନେଇ
ଜୀବନକୁ କରେ ନଷ୍ଟ
ବିକଳ୍ପ ବ୍ୟବସ୍ଥା କିଛି ନାହିଁ ତା'ର
ମନ ହୁଏନାହିଁ ତୋଷ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

# ଅବସୋସ

ସୁନନ୍ଦା ମହାନ୍ତି

ତମ ସଙ୍ଗେ ସମ୍ପର୍କ ଛିନ୍ନ କରି
ବଞ୍ଚିବା ଅସମ୍ଭବ ଭାରି
ଜୀବନ ଦଉଡ଼ିର ଗୋଟେ ମୁଣ୍ଡେ
ଆର ପାଖେ ନାଲି ସୁରୁଜ ବିସ୍ତାରି
ସକାଳ ଆସେ ନୂଆ କରି
ମଧ୍ୟାହ୍ନ ଡହଡହ ତାତି ଭରି
ସାୟାହ୍ନ ଇସ୍ତାହାର ଲେଖିକରି
ମାନିଲେ ଠାକୁର ନାମାନିଲେ ତୁଠ ପଥର
ଶାଳଗ୍ରାମ ପରି
ଆକାଶ ଉଆସେ ଖଞ୍ଜିଛି ଯିଏ ସମ୍ପର୍କ
ଦେଖତ ଥରେ ଛିନ୍ନ କରି
ଗଙ୍ଗା ହେବେ ଠପ୍
ଯମୁନା ବି ଚୁପଚାପ
ସରସ୍ୱତୀ କଣ୍ଠରୁ କାଢ଼ିବେ ରୁଦ୍ରାକ୍ଷ
ବାଡ଼ବତା ଛିଡ଼ି ପୁଣି ଯୋଡ଼ି ମନାଇବା
କଷ୍ଟ ନୁହେଁ ଇଷ୍ଟ ସ୍ମରି
ସାତଫେରି ସମ୍ପର୍କର ଅଲଣା ନିଉଛଣା
ଦଗାବାଜ ଦାଗ କେଣେ ଯିବ ଅପସରି
ସମ୍ପର୍କର ଏହି ଦସ୍ତୁର ବୁଝ ହେତୁକରି
ଛିଡ଼ିବନି ଦେଖୁନ ଏଯାବତ ହସେ କିରିକିରି
ପାପୁଲିଏ ଅବସୋସ ଆଣିଦେବ କମା, ପୂର୍ଣ୍ଣଛେଦ
ଚିମୁଟେ ଅବସୋସ ଏପରିପକ୍ୱ ଭାରେ ଭରି
ସମ୍ପର୍କରେ ହୁଏତ ପ୍ରଶ୍ନବାଚୀ ଆଣିପାରେ
ନଇବଢ଼ି କେବେ ଘଡ଼ଘଡ଼ି କେବେ କାମନା ବିଭାବରୀ
ଅବସୋସ ଇତିହାସ ଭରି କର୍ଦ୍ଦମାକ୍ତ ଶୋଷ ପରି

ସାକ୍ଷୀଗୋପାଳ,
ପୁରୀ



# ଅବସୋସ ନୁହେଁ...

ହାସ୍ୟମୟୀ ରାଜ୍

ଏକାନ୍ତରେ ଯେବେ ମନପକ୍ଷୀ ଉଡ଼େ
ବିଶାଳ ଏ ନୀଳାକାଶେ
ଫେରି ଫେରି ଚାହେଁ ପଛକୁ ପଛକୁ
ଯିବାକୁ ତାହାର ପାଶେ ।

କେତେକେତେ ଆଶା କେତେ ଯେ ସ୍ୱପ୍ନ
ସ୍ମୃତି ପଟେ ଆସି ଭାସେ
କେବେ ଧୋଇହୁଏ ଆଖିର ଲୁହରେ
କେବେ ମନେମନେ ହସେ ।

ଜୀବନ ଏମିତି ହଜାଏ ସେ କେତେ
ପାଏ ପୁଣି ଅନୁରୂପେ
କେବେ ହୁଏ ସବୁ ଓଲଟ ପାଲଟ
ଭାଗ୍ୟ ଆଢୁଆଳେ ଛପେ ।

ଅବସୋସର ଅନ୍ତର୍ଦାହରେ
ସିଝୁଥାଏ ଆପେ ଆପେ
ଅଶ୍ରୁ କବିତା ଲେଖୁଥାଏ ନିତି
ନିର୍ମମ ତା'ର ଧାପେ ।

ଯାହା ହୁଏ ଯାହା ପାଉଥାଏ ନିତ୍ୟ
ଏତ ଈଶ୍ୱରଙ୍କ ଦାନ
ଏଇ ବିଶ୍ୱାସରେ ବଳୀୟାନ ହେଲେ
ବୁଝେ ଏ ଅବୁଝା ମନ ।

ସମୟ ସୁଅରେ ସ୍ଥାୟୀ ନୁହେଁ କେବେ
ଜୀବନ ଯୌବନ ଧନ
ହସି ହସେଇବା ଭାବନା ରଖିବା
ହେବା ନାହିଁ କେବେ ହୀନ ।

କେତେ ଦେଖିଲେଣି ଜୀବନ ଯାତନା
ସରିସରି ଆସେ ଦିନ
ଅଦୃଷ୍ଟ ଖେଳେ ସାପ ସିଡି ଖେଳ
ଶୁଭ କର୍ମେ ଦେବା ଧ୍ୟାନ ।

ପୂର୍ଣ୍ଣ ବ୍ରହ୍ମ ସିଏ ପ୍ରେମ ରସ ପୂର୍ଣ୍ଣ
ଲୀଳା କ୍ରମେ ବିଦ୍ୟମାନ
ଅବସୋସ ନୁହେଁ ଶୋଷ ବଢେଇବା
ସେ ରସ କରିବାକୁ ପାନ ।

ଓରାଳି, ହାଟଡିହି,
କେନ୍ଦୁଝର

# ଅବସୋସ

କାଞ୍ଚନ ସାହୁ

ପୂରୁବ ଆକାଶେ ସୂରୁଜ ନଉଇଁ
ପଶ୍ଚିମରେ ଉଇଁଯିବ
ସାତଜନ୍ମ ଯାଏଁ ତପସ୍ୟା କଲେ ବି
ତୋ' ମୁଖ ସପନ ହେବ।।

ଭାବି ମୁଁ ନଥିଲି ତୋ' ତୁଣ୍ଡର କଥା
ମୋ' ପାଇଁକି କାଳେ ଶେଷ
ମୋ' ଜୀବନେ ପୂର୍ଣ୍ଣ ଛେଦ ପକାଇଲୁ
ରହିଗଲା ଅବସୋସ ।।

ରେଞ୍ଚଶାସନ, ନିମାପଡ଼ା
ପୁରୀ

# ଅବସୋସ

**ଦେବରାଜ ରଣା**

ଚାନ୍ଦିନୀ ରାତ୍ରିର ଚନ୍ଦ୍ରମା ଗୋ ତୁହି
ତୋ' ରୂପ ଲାବଣ୍ୟେ ହାରୁଛି ମୁହିଁ,
ବାମନ ହୋଇକି ହାତ କି ପାଇବ
ଦୂର ଆକାଶକୁ ପାରୁନି ଚାହିଁ ।

କୋମଳ ଗୋଲାପ-କୁସୁମ ଲାଗୁଛୁ
କେମିତି ଛୁଇଁବି ମଳିନ ହାତେ
ଦାଗ ଲାଗିଯିବ କୋମଳ କଢ଼ିରେ
ଅଛୁଆଁ ଭଳି ମୁଁ ଚାହିଁବି ତୋତେ

ରୂପରେ ରୂପରେ ସୌନ୍ଦର୍ଯ୍ୟ ଭରା
ଫୁଲ ଫୁଟି ବାସ ଚହଟେ ନୀତି,
ଦୂରରେ ଅଛି ମୁଁ, ମୋ' ଭାଗ୍ୟରେ ନାହିଁ
ସ୍ମୃତିରେ ସାଇତା ତା' ଶୁଭ୍ରଜ୍ୟୋତି ।

ମୋତି ଝରା ତୋ'ର ଦୁଇଟି ନୟନ
ଚୁମିବାକୁ ହେଉଥାଏଟି ଇଚ୍ଛା,
ଭ୍ରମର ରସିକ ହୋଇ ପାରିଲିନି
ପୁଷ୍ପରେଣୁ ଭରା ସେଇ ବଗିଚା ।

ଲାଗେ ଅବସୋସ ହୃଦୟକୁ ବିଷ
ଗଭୀର ପ୍ରୀତିର ଯାତନା ଯେତେ,
ମଉଳା ଘାସର ଶୁଷ୍କ ପତର ମୁଁ
ସ୍ମୃତିପଟଳରେ ଦିଶଇ ମୋତେ ।

**ଚାଉଳଢ଼ିଆ, ଲାଠୋର,**
**ବଲାଙ୍ଗୀର**



# କେତେ ଅବସୋସ ଏଇ ହୃଦୟରେ

ତ୍ରିଲୋଚନ ଦାସ

ଜୀବନର ଜଳ ଛବି କେମିତି ମୁଁ ଆଙ୍କିବି
ଅଙ୍ଗେ ନିଭା କଥା ସବୁ କାହା ଆଗେ କହିବି
ଜୀବନର କାହାଣୀ ମୋ' କେମିତିକା ଲେଖିବି
ସବୁଦିନ କୁହୁଳୁଛି କେଉଁ ଦିନ ଜଳିବି... ।୦।

କାଲି ଯେଉଁ ସ୍ୱପ୍ନ ମୋର ବାଲିଘର ଭାଙ୍ଗିଛି
ଆଜି ସେଇ ସ୍ୱପ୍ନ ମୋତେ ଅତୀତକୁ ଟାଣୁଛି
ଅସୁମାରୀ ଅବସୋସ ହୃଦୟରେ ଭରିଛି
ହୃଦୟର ବେଦନାକୁ କିଏ ଅବା ପଢୁଛି
ଅଧାଲେଖା କବିତା ମୋ' କେମିତି ମୁଁ ସାରିବି...।୧।
ଜୀବନର ଜଳ ଛବି.......

ବଇଶାଖ ଜାଳିଦେଲା ମନବନ କଳିକା
ଶ୍ରାବଣଟା ଲୁହ ଦେଲା ଯାଏ ଝରିଝରିକା
ଲହୁ ସବୁ ଲୁହ ହୋଇ ଭସାଉଛି ନଉକା
ସତ ଅଭିନୟ ସବୁ ଲାଗେ ମିଛିମିଛିକା
ଏତେ ଦୁଃଖ ମୋ' ଛାତିରେ କେମିତି ମୁଁ ବଞ୍ଚିବି...।୨।
ଜୀବନର ଜଳ ଛବି........

ମୈତ୍ରୀ ବିହାର, ବଡ଼ଶଙ୍ଖ,
ଖୋର୍ଦ୍ଧା

# ହଜିଲା ଋତୁର ଗପ.....

**ସୁକାନ୍ତି ମିଶ୍ର**



ଶୁଣିଥିଲେ କେତେ
ଅଶିଣ ସଞ୍ଜରେ
ନଈକୂଳ ଜହ୍ନଗପ
ଜାଳିଥିଲେ ମନ
ଦେଉଳ ବେଢ଼ାରେ
ପ୍ରୀତିର ଅଲିଭା ଦୀପ...

ପାର୍ବଣର ଚିଠି
ଲେଖିଥିଲେ କେତେ
କାଶଫୁଲ ଖୁସି ବାଣ୍ଟି
ଗଢ଼ିଥିଲେ କେତେ
ପୁନେଇଁ ଚାନ୍ଦରେ
ପ୍ରଣୟର ପଞ୍ଚବଟୀ....

ଭସାଇଥିଲେ ଯେ
କାଗଜର ନାଆ
ଦୁଷ୍ଟାମୀର ରଙ୍ଗ ବୋଳି
ଋତୁ ପାପୁଲିରେ
ଆଙ୍କିଥିଲେ କେତେ
ସପନର ଛବି ତୋଳି...

ହେଲେ ଆଜି ସେହି
ସ୍ମୃତି ଅଗଣାରେ
ପାଦ ଯେବେ ପଡ଼ିଯାଏ
ଛାଇଟା ବି ଆସି
କହି ଦେଇଯାଏ
ମୁଁ ବି ତୋହର ନୁହେଁ.....

"ସମ୍ପର୍କ", ସାରସ୍ୱତନଗର,
ସିଦ୍ଧମହାବୀର, ପୁରୀ



# ଅବସୋସ

ଡାରାପ୍ରସାଦ ଜେନା

ମରୁଝଡ଼ର ଯେବେ ମୃଗତୃଷ୍ଣା ରଚେ ଅଭିଶାପ ବାହାଦୁରି
ମନ ରାଜପଣ ଭିକାରିଠୁ ତୁଚ୍ଛ ଲୋକହସା ବରାବରି ।
ଜୀବନର ଇଚ୍ଛା ମାନେନାହିଁ କିଛି, ହସ ଖେଳ କରେ କାନ୍ଦ
ଅମା ଅନ୍ଧାରକୁ ପୂର୍ଣ୍ଣିମାର ଖେଦ ଲୁଚିଅଛି ରୂପା ଚାନ୍ଦ ।

ମାଟିଘର ପିଣ୍ଡା କୋଠାଘର ଛଡ଼ା କେତେକାଳ ଲକ୍ଷ୍ୟ ନଷ୍ଟ
ସ୍ୱପ୍ନହରା ଆଖି ମଜା ସୁଖ ଲୁଟି ଦେଇଜାଣେ ଖାଲି କଷ୍ଟ ।
ଆଶା ପାଖେ ଆଉ କୁଳଉନି ଭାଷା ଦଶ ଦିଗ ଲାଗେ ଶୂନ୍ୟ
ସୁନା ହୀରା ମୋତି ଧନ ଉଜୁଡିକୁ ହେଉନାହିଁ ନିଜେ ଧନ୍ୟ ।

ପ୍ରେମ ପରିଚୟ ଘୃଣା ଅକ୍ଷରରେ ହତଭାଗ୍ୟ ପାଇଁ ଧୋକା
ଜିଇ ମରିବାରେ ଅଧାପ୍ରାଣ ଏତେ ସମୟର ମହା ଦକା ।
ଭାବନାର କବି ଭାବ ଅଲୋଡ଼ାକୁ ଅନ୍ତ ହେଲା କାବ୍ୟ ରୂପ
ସତ ଆଜିକାଲି ଅସହଣି ଭାରି ପାଲଟୁଛି ମିଛ ଗପ ।

ନିୟମର ଶାନ୍ତି ଡାକିଆଣେ ଭ୍ରାନ୍ତି ଦୁନିଆଟା ମାୟା ଘୋର
ଅବସୋସ ଏଠି ଧରା ପରା କରେ, କିଏ ପର ଆପଣାର ।

ରାଜରଣପୁର,
ନୟାଗଡ଼

# ପୂର୍ଣ୍ଣ, ଅପୂର୍ଣ୍ଣ, ସଂପୂର୍ଣ୍ଣ

ଦୀନକୃଷ୍ଣ ମହାପାତ୍ର

ଭାଜ୍ୟ କହୁଛି ଭାଜକକୁ ଚାହିଁ ସବୁମିଛ ସବୁମିଛ!
ତୋ' ତଳେ ମୁଁ ମୋ' ତଳେ ତୁ' ଆଉ କେଉଁ ଅବସୋସ
ଯେତିକି ମୋଠୁ ହରି ନେଇଅଛୁ ସେତିକି ରହୁଛି ବାକି
ଉଭୟ ପୂର୍ଣ୍ଣ, ଅପୂର୍ଣ୍ଣ, ସଂପୂର୍ଣ୍ଣ ଦୁଃଖ ଏଥି କରିବା କି !

ଭାଜକ ବିଚାରା ନିୟତିର ମରା ଥତମତ ହୁଏ ଖାଲି
ହର୍ଷ ଉଲ୍ଲାସ ବିଷାଦ ମାୟାର ମରୀଚିକା ମରୁବାଲି
ଭାଜ୍ୟଠୁଁ ନ୍ୟୁନ ସଦା ହୀନିମାନ ଭାଗଫଳ ଆଶାକରେ
ଆପଣା ହସ୍ତରେ ଜିହ୍ୱାକୁ ଛେଦି ଭାଜ୍ୟର ଆଶ୍ରା ବରେ!

ଭାଗଫଳ ମାନ କର୍ମର ଅଧୀନ ସଦା ବାଡି ବାଇଗଣ
ପୋଥିବିଦ୍ୟା ସବୁ ହଜିଯାଏ ବଳେ ଘାରିଥାଏ ଅନ୍ଧପଣ
ପଣପଣ ସବୁ ଅହମିକା ମାନ ଅଣ୍ଟାଭାଙ୍ଗି ଯାଏ ଚାଲି
ହାତପାତେ ତଦା ଭାଜ୍ୟ ଆଗରେ ଭାଜକ,ଶୂନ୍ୟ ବୋଲି,

ଭାଜ୍ୟ ଭାଜକ ଭାଗଫଳ ମାୟା ଭାଗଶେଷ କିଛିରହେ
ସ୍ୱଳ୍ପ ମୁହୁର୍ତ୍ତ ଲୀଳାଖେଳା କରି ନିଶ୍ଚିହ୍ନ ହୋଇଯାଏ ।।।

ସା/ପୋ- ଟିକାବାଲି,
କନ୍ଧମାଳ

# ଅବସୋସ

## ଅମୀୟ କୁମାର ସାହୁ

ଅତୀତ ଗଲାଣି ହଜି
ସ୍ମୃତି ସବୁ ଫୁଲ ହୋଇ ଫୁଟେ,
ଏ ମନର ଆଇନାରେ
ଖାଲି ତୁମ ଛବି ଦିଶେ।୦।

ମଥାରେ ସିନ୍ଦୂର ନାଇ ବଧୂ ସାଜି
ଚାଲିଗଲ ଆଉ କାହା ସାଥେ,
ଦେହ ଦେଉଳ ଭାଙ୍ଗି ହେଲା ଚୁନା
ଆତ୍ମା ଗଲା ତୁମ ସାଥେ
ଯଉବନ ଝୁରି ମଲା
ଆଷାଢର ଶେଷେ।୧।

କର୍ପୁର ଯାଇଛି ଉଡ଼ି
କନା ଅଛି ପଡ଼ି
ବିଶ୍ବାସର ବୋଇତରେ
ଉଡ଼ାଏ ମୁଁ ପ୍ରତ୍ୟାଶାର ଗୁଡି,
ତୁମ କଥା ନିତି ଭାବି
ମନେ ମନେ ହସେ।୨।

ସରି ସରି ଆସୁଅଛି
ମୋହର ଆୟୁଷ
ମଶାଣିର ମାଟି ଡାକେ
ବେଗେ ବେଗେ ଆସ
ଜାଣେନା ମୁଁ ଆଜି କେଉଁ
ତିଥିବାର ନକ୍ଷତ୍ରବରଷ,
ଦେଖିପାରିଲିନି ତୁମକୁ
ରହିଗଲା ଅବସୋସ ।୩।

ବୁଢାପଡା,
ଜଟଣୀ

# ରହିଗଲା ଅବସୋସ



**ଯମେଶ୍ୱର କହଲସିଂହ**

ଶରତ ଶେଫାଳୀ
ଅଧରୁ ଝରଇ
କାଶତଣ୍ଡୀର ହସ
ସବୁଜବରଣା
ଧରଣୀ ଅଙ୍ଗନେ
ମନଛୁଆଁ ପରିବେଶ ।। ୦ ।।

ସ୍ନାୟୁର ସହରେ
ସ୍ୱପ୍ନଭଙ୍ଗ ହେଲେ
ବଢ଼େ ମନତଳ ତାତି
ସାରାରାତି ଖାଲି
ମନେପଡ଼େ ତୁମ
ମୁଗ୍ଧ ମଧୁର ଗୀତି,
ଗୋଲାପି ଗୋଲାପି
ଅଧର ଫାଙ୍କରୁ
ମୁରୁକି ମୁରୁକି ହସ ।। ୧ ।।

ନୂଆ ନୀଡ଼ ପାଇଁ
ମୋ' ଦେହକୁ ଛୁଇଁ
ଦେଇଥିବା ପ୍ରତିଶୃତି
କେମିତି ଭୁଲିଲ
ଜୀବନ-ଜ୍ୟାମିତି
ଛାତିରେ ସାଇତା ସ୍ମୃତି,
ସମ୍ପର୍କର ଡୋରି
ଛିଣ୍ଡାଇଲ ଗୋରୀ
ପିୟୁଷକୁ କଲ ବିଷ ।। ୨ ।।

ବୟସ ଧୋଇଛି
ଏ ଦେହର ରଙ୍ଗ
ଫିକାଫିକା ମନଜହ୍ନ
ତୁମକୁ ଖୋଜି ମୁଁ
ହଜେଇ ଦେଇଛି
ଅଫୁରନ୍ତ ଯଉବନ,
ଶୃଙ୍ଗାର ଶତକ
ଲେଖିବା ନୋହିଲା
ରହିଗଲା ଅବସୋସ ।। ୩ ।।

ଲୋକିପୁର, ଗଡମାଣତୀର,
ଖୋର୍ଦ୍ଧା

OPEN

Home Delivery
available

# TASTY DOTS

## MORE FOOD, MORE LIFE





TANDOOR

BIRYANI





CHINESE


INDIAN

VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

ଆମ କବିତା ❖ ଦ୍ୱିତୀୟ ବର୍ଷ ❖ ନବମ ସଂଖ୍ୟା ❖ ସେପ୍ଟେମ୍ବର ୨୦୨୩



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ